ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

पर्यवेक्षक

Vol.26 . No.135 Bhubaneswar Tuesday July 04 2023 | ୨୬ତମ ବର୍ଷ ସଂଖ୍ୟା–୧୩୫ ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୦୪, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ଏବେ ବଦଳି ଗଲାଣି ବିଜେଡି: ବିବାଦୀୟଙ୍କୁ ସାତ ଖୁଣ ମାଫ୍, ସଂଗଠନରେ ଗୁରୁତ୍ୱ

ଭୁବନେଶ୍ୱର,୩।୭(ପି.ଏନ): ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଯେଉଁ ବିଜେଡିରେ ଦୁର୍ନୀତିର ଗନ୍ଧ ଓ ବିବାଦର ଛାଇ ପଡିଲେ ଯେତେ ପ୍ରଭାବଶାଳୀ ନେତା ହେଲେ ବି କାର୍ଯ୍ୟାନୁଷ୍ଠାନ ହେଉଥିଲା, ଏବେ ସେହି ବିଜେଡିରେ ବିବାଦୀୟଙ୍କୁ ସାତ ଖୁଣ୍ ମାଫ । ଓଲଟା ପୁରସ୍କାରସ୍ୱରୂପ ସଂଗଠନ ଓ ସରକାରରେ ମିଳୁଛି ଗୁରୁତ୍ୱ। ଗତ ପ୍ରାୟ ଏକ ଦଶନ୍ଧିରେ ଏଭଳି ରୂପାନ୍ତରଣ ହୋଇଛି ବିଜେଡିର । ମମିତା ମେହେର ହତ୍ୟା ଓ ଗୋବିନ୍ଦ ସାହୁ ଆତ୍ମହତ୍ୟା ଘଟଣାରେ ବିବାଦୀୟ ଦିବ୍ୟଶଙ୍କର ମିଶ୍ରଙ୍କୁ କଳାହାଣ୍ଡି ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ନିଯୁକ୍ତି, ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ





ବିବାଦୀୟ ଭଟଲି ବିଧାୟକ ସୁଶାନ୍ତ ସିଂଙ୍କର ସମ୍ବଲପୁର ଓ ଦେବଗଡ ଜିଲ୍ଲା ସଂଗଠନରେ ଅନଧିକାର ପ୍ରବେଶ ସହ ମାମଲାତି କରିବା ଏବଂ ଗରିବ ଲୋକଙ୍କୁ ସରକାରୀ ସୁବିଧା ଯୋଗାଇବା ଆଳରେ ଉତ୍‌କୋଚ୍ ଦାବି ସହ ବ୍ଲାକମେଲ୍ ଅଭିଯୁକ୍ତ ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ସଂଯୁକ୍ତା ମହଲଙ୍କୁ ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ସଦସ୍ୟ କରାଯିବା ଭଳି ଏହାର ଗୋଟିଏ ଲେଖାଏଁ ଉଦାହରଣ ।ସୂଚ୍ନା ଅନୁସାରେ, ଆଜି ଗୋଟିଏ ଦିନରେ ଦୁଇଟି ଘଟଣା ବିଜେଡିର ରାଜନୀତିକ ଚ୍ରିତ୍ରରେ ହୋଇଥିବା ରୂପାନ୍ତରଣକୁ ସାମ୍ନାକୁ ଆଣିଛି । କଳାହାଣ୍ଡି ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଭାବେ ଦିବ୍ୟଶଙ୍କର ମିଶ୍ରଙ୍କୁ ପୁଣିଥରେ ନିଯୁକ୍ତି ମିଳିଛି । କଳାହାଣ୍ଡି ଜିଲ୍ଲା ବିଜେଡିର ପୁନର୍ଗଠନ ପରେ ଆଜି ୩୪ଜଣିଆ ତାଲିକା ପ୍ରକାଶ ପାଇଛି । ଯେଉଁଥିରେ ପୁଷ୍ପେନ୍ଦ୍ର ସିଂହଦେଓଙ୍କୁ ପୁଣିଥରେ ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ମିଳିଥିବାବେଳେ ଦିବ୍ୟଶଙ୍କରଙ୍କ ଅଧାରୁ ଅଧିକ ସମର୍ଥକଙ୍କୁ ଜିଲ୍ଲା ପଦାଧିକାରୀ ଭାବେ ଥଇଥାନ କରାଯାଇଛି ।

### ପ୍ରଧାନମନ୍ତ୍ରୀଙ୍କ ବାସଭବନ ଉପରେ ଉଡ଼ିଲା ଡ୍ରୋନ୍

ନୂଆଦିଲ୍ଲୀ,୩।୭(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭ ଲୋକ କଲ୍ୟାଣ ମାର୍ଗ ସ୍ଥିତ ବାସଭବନ ଉପରେ ଆଜି ସକାଳେ ଏକ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଥିଲା । ଦିଲ୍ଲୀ ପୋଲିସ ଏହାର ତଦନ୍ତ କରୁଛି । ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀଙ୍କ ବାସଭବନ ନୋ ଫ୍ଲାଇଙ୍ଗ ଜୋନ୍ ମଧ୍ୟରେ ରହିଛି । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟୀତ୍ୱରେ ନିୟୋଜିତ ଏସପିଜି ଆଜି ସକାଳେ ଏହା ଉପରେ ଏକ ଡ୍ରୋନ୍ ଉଡୁଥିବା ଦେଖିବାକୁ ପାଇଥିଲେ । ସେମାନେ ଏ ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ । ଏହାପରେ ପୋଲିସ ପକ୍ଷରୁ ସମ୍ପୃକ୍ତ ଅଂଚଳରେ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା । ତେବେ ଡ୍ରୋନ୍ ଭଳି ଦେଖାଯାଉଥିବା ଏହି ବସ୍ତୁକୁ ଅଦ୍ୟାବଧି ଠାବ କରାଯାଇନାହିଁ । ଏୟାର ଟ୍ରାଫିକ୍ କଂଟ୍ରୋଲ୍ ରୁମ୍ ସହିତ ମଧ୍ୟ ଯୋଗଯୋଗ କରାଯାଇଥିଲା । ସେମାନେ ମଧ୍ୟ ଏପରି କୌଣସି ବସ୍ତୁକୁ ପାଇନଥିବା କହିଛନ୍ତି ।

### ଆଇ ପି ଏସ ସାଗରିକ ନାଥ ଙ୍କ ପରିବାର ଉପରେ ଲୁଟ ଉଦ୍ଦେଶ୍ୟରେ ଆକ୍ରମଣ

ଭୁବନେଶ୍ୱର, ୩।୭(ପି.ଏନ): ଭାରତୀୟ ପୋଲିସ ସେବାର ଅଧିକାରୀ ସାଗରିକା ନାଥଙ୍କ ପରିବାର ସଦସ୍ୟଙ୍କ ଉପରେ ଲୁଟ ଉଦ୍ଦେଶ୍ୟରେ ଆକ୍ରମଣ ହୋଇଥିବା ଜଣା ପଡିଛି । ଗତକାଲି ଘାଟିକିଆ ଅଞ୍ଚଳ ରେ ଥିବା ନିଜ ଘରକୁ ଫେରୁଥିଲେ ତାଙ୍କ ବାପା ମା ଫେରୁଥିବା ବେଳେ ସେମାନଙ୍କୁ ଆକ୍ରମଣ କରାଯାଇଛି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୩ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ

## ୬୯ ଛାତ୍ରଛାତ୍ରୀଙ୍କ ବୋର୍ଡ ସାର୍ଟିଫିକେଟରେ ଅଜଣା ପୁଅର ଫଟୋ, ଭବିଷ୍ୟତ ସହ ଖେଳ ଖେଳୁଛି ଶିକ୍ଷା ବିଭାଗ



ଭୁବନେଶ୍ୱର,୩।୭(ପି.ଏନ): ୬୯ ପିଲାଙ୍କ ସାର୍ଟିଫିକେଟରେ ଗୋଟିଏ ଫଟୋ ଦଶମ ବୋର୍ଡ ସର୍ଟିଫିକେଟରେ କିଛି ଏଭଳି ସାଙ୍ଘାତିକ ତ୍ରୁଟି ସାମ୍ନାକୁ ଆସିଛି। କଟକ ଜିଲ୍ଲା ନିଶ୍ଚନ୍ତକୋଇଲି ଅଶୁରେଶ୍ୱର ୫ଟି ହାଇସ୍କୁଲର ଦଶମ ପିଲାଙ୍କ ବୋର୍ଡ ସାର୍ଟିଫିକେଟରେ ଲାଗିଛି ଜଣେ ଅଜଣା ଛାତ୍ରର ଫଟୋ ଯାହାକୁ ନେଇ ଏବେ ପିଲାଏ ଓ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ସେମାନଙ୍କ ଭବିଷ୍ୟତ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିବା ଅଶଙ୍କା ପ୍ରକାଶ କରିଛନ୍ତି ।ସେପଟେ ଏଥିଯୋଗୁଁ ସେମାନଙ୍କୁ ଯୁକ୍ତ ୨ରେ ଆଡମିଶନ ବେଳେ ସମସ୍ୟା ଦେଖାଦେଇଛି। ତ୍ରୁଟିପୂର୍ଣ୍ଣ ସାର୍ଟିଫିକେଟକୁ ଗ୍ରହଣ କରାଯାଉନଥିବା ଯୋଗୁଁ କିଛି ଛାତ୍ରଛାତ୍ରୀ ଆଡମିଶନ କରାଇ ପାରୁନଥିବା ଅଭିଯୋଗ ହୋଇଛି।

### ଆଜିଠାରୁ ଆରମ୍ଭ ହେଲା ମାଟ୍ରିକ୍ ସପ୍ଲିମେଂଟାରି ପରୀକ୍ଷା

ଭୁବନେଶ୍ୱର, ୩।୭(ପି.ଏନ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ୍ ସପ୍ଲିମେଂଟାରି ଓ ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି । ।ସକାଳ ୯ଟାରୁ ୧୧ଟା ମାଟ୍ରିକ୍ ସପ୍ଲିମେଂଟାରି ଓ ତାପରେ ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହୋଇଛି । ଏହି ପରୀକ୍ଷା ଜୁଲାଇ ୮ତାରିଖ ପର୍ଯ୍ୟନ୍ତ ଚାଲିବ । ରାଜ୍ୟର ୮୦ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି। ମାଟ୍ରିକ୍ ସପ୍ଲିମେଂଟାରି ପରୀକ୍ଷା ପାଇଁ ୧୩୧୧ ଜଣ ଓ ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ୮୯୧୫ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଛନ୍ତି। ଆଜି ସକାଳୁ ପରୀକ୍ଷାର୍ଥୀମାନେ ଶୃଙ୍ଖଳିତ ଢଙ୍ଗରେ ଆସି ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଥିବା ଦେଖିବାକୁ ମିଳିଛି।

## ଆଇଏଏସ୍ ସ୍ତରରେ ଅଦଳବଦଳ

### ଯାମିନୀ ଷଡ଼ଙ୍ଗୀ ହେଲେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ

ଭୁବନେଶ୍ୱର, ୩।୭(ପି.ଏନ): ରାଜ୍ୟ ସରକାର ସୋମବାର ଆଇଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ୨୦୦୮ ବ୍ୟାଚ୍ ଆଇଏଏସ୍ ଯାମିନୀ ଷଡ଼ଙ୍ଗୀଙ୍କୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ଜାରି ବିଜ୍ଞପ୍ତି ଅନୁସାରେ ଶ୍ରୀମତୀ ଷଡ଼ଙ୍ଗୀ ଓଡ଼ିଶା ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବସ୍ଥାପିତ କରାଯାଇଛି । ଏହାସହିତ ସେ ଅର୍ଥ ବିଭାଗର ଅତିରିକ୍ତ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ । ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ପ୍ରକଳ୍ପ ନିର୍ଦ୍ଦେଶକ ପଦବୀକୁ ଆଇଏଏସ୍ କ୍ୟାଡରରେ ଅତିରିକ୍ତ ସଚିବ ପାହ୍ୟାକୁ ଉନ୍ନୀତ କରାଯାଇଛି ।ସେହିପରି ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ପଦୋନ୍ନତିପ୍ରାପ୍ତ ଆଇଏଏସ୍ ୨୦୧୨ ବ୍ୟାଚର ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି । ଧର୍ମଗଡ଼ ଉପଜିଲ୍ଲାପାଳ ତଥା ଧର୍ମଗଡ଼ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ୨୦୨୦ ବ୍ୟାଚ୍ ଆଇଏଏସ୍ ବେଦଭୂଷଣଙ୍କୁ ସମ୍ବଲପୁର ମହାନଗର ନିଗମର କମିଶନର ଭାବେ ବଦଳି ହୋଇଛି। ବରିଷ୍ଠ ଓଏଏସ୍ ତଥା ଅର୍ଥ ବିଭାଗ ସ୍ୱତନ୍ତ୍ର ସଚିବ ନୃସିଂହ ଚରଣ ସ୍ୱାଇଁଙ୍କୁ ବୌଦ୍ଧ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି ।

## ୧୬ ଜିଲ୍ଲାରୁ ଚିହ୍ନଟ ହେଲେଣି ୧୮୫ ଜଣ ଡେଙ୍ଗୁ ଆକ୍ରାନ୍ତ

ଭୁବନେଶ୍ୱର, ୩।୭(ପି.ଏନ): ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ମୋଟ ୧୬ ଜିଲ୍ଲାରୁ ୧୮୫ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୬ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଯାଜପୁରରେ ୧୨ , ବାଲେଶ୍ୱରରେ ୧୦ ଏବଂ ଅନ୍ୟାନ୍ୟ ଜିଲ୍ଲାରୁ ଜଣେ ଲେଖାଏଁ ପଜିଟିଭ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ଡେଙ୍ଗୁ ସ୍ଥିତି ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ଏବର୍ଷ ମଧ୍ୟ ଡେଙ୍ଗୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜୁଲାଇରୁ ସେପ୍ଟେମ୍ବର ମାସରେ ଏହା ବଢିଥାଏ। ପୂର୍ବ ବର୍ଷ ତୁଳନାରେ ଏ ବର୍ଷ ଟେଷ୍ଟିଙ୍ଗ ସଂଖ୍ୟା ଅଧିକ ଓ ପଜିଟିଭ ସଂଖ୍ୟା ବହୁତ କମ୍ ରହିଛି ।ସେ କହିଛନ୍ତି ଏବେ ସୁଦ୍ଧା ୧୧,୪୬୪ ଜଣଙ୍କର ଟେଷ୍ଟ କରାଯାଇଛି ସେଥିରୁ ୧୮୫ ଜଣ ପଜିଟିଭ ଅଛନ୍ତି। ଗତବର୍ଷ ଏ ସମୟ ସୁଦ୍ଧା ୫୯୮୧ ଜଣଙ୍କୁ ଟେଷ୍ଟ କରାଯାଇଥିଲା ସେଥିରୁ ୩୫୩ ଜଣ ପଜିଟିଭ ବାହାରିଥିଲେ, ଯାହା ଏବର୍ଷ ତୁଳନାରେ ବହୁତ କମ୍ ଅଛି । ଏଡିସ ମଶା ସାଧାରଣତଃ ସକାଳ ଓ ସଂଧ୍ୟା ସମୟରେ କାମୁଡ଼ନ୍ତି। ଶୋଇବା ଅବସ୍ଥାରେ ନୁହେଁ, ଏଡିସ ମଶାମାନେ ସ୍ୱଚ୍ଛ ନିର୍ମଳ ପାଣିରେ ବଂଶ ବିସ୍ତାର କରନ୍ତି। ଆମକୁ ସେସବୁ ସଫା କରିବାକୁ ହେବ, ଯେଉଁଥିରେ ସେମାନେ ବଂଶ ବିସ୍ତାର କରନ୍ତି। କୁଲର, ଟିଣ, କୁଡୁଆ ଆଦି ଜିନିଷରେ ପାଣି ଜମିବାକୁ ଦେବା ନାହିଁ। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ଏମ୍ସ ହସ୍ପିଟାଲରେ ଡେଙ୍ଗୁର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି।

## ପୁରୁଷ ବନ୍ଧୁଙ୍କୁ ସ୍ୱାମୀର ପରିଚୟ ଦେଇ ରହିଥିଲେ, ଆଜି ଲଜରୁ ମିଳିଲା ଯୁବତୀଙ୍କ ଝୁଲନ୍ତା ମୃତଦେହ

ଖୋର୍ଦ୍ଧା,୩।୭(ପି.ଏନ): ପୁରୁଷ ବନ୍ଧୁଙ୍କୁ ସ୍ୱାମୀର ପରିଚୟ ଦେଇ ଲଜରେ ରହିଥିଲେ ଯୁବତୀ। ଆଜି ମିଳିଲା ଯୁବତୀଙ୍କ ଝୁଲନ୍ତା ମୃତଦେହ। ହେଲେ ପୁରୁଷ ବନ୍ଧୁ ଚମ୍ପଟ ମାରିଛନ୍ତି। ଏପରି ଅଭିଯୋଗ ଆସିଛି ରାଜଧାନୀ ଭୁବନେଶ୍ୱରଠାରୁ ଅଳ୍ପ ଦୂର ଜଟଣୀରୁ ।ରବିବାର ଅପରାହ୍ନରେ ଜଟଣୀ ସୀତାରାମ ଛକ ନିକଟରେ ଥିବା ଏକ ଲଜରେ ଜଣେ ଯୁବକ ଓ ଜଣେ ଯୁବତୀ ରହିଥିଲେ। ଉଭୟ ସ୍ୱାମୀ ଓ ସ୍ତ୍ରୀର ପଳରିଚୟ ଦେଇଥିଲେ। ହୋଟେଲ୍ ରେଜିଷ୍ଟାରରେ ଉଭୟଙ୍କ ନାଁ ସ୍ମୃତିରଞ୍ଜନ ଜେନା ଓ ରଶ୍ମୀତା ଜେନା ବୋଲି ଦର୍ଶାଇଥିଲେ। ଏଥିସହ



ସେମାନଙ୍କ ଘର ଜଗତସିଂହପୁର ଅସିଲୋ ଗାଁରେ ବୋଲି ଉଲ୍ଲେଖ କରିଥିଲେ। ଉଭୟ ଲଜର ରୁମ୍ ନମ୍ବର ୧୧୩ରେ ରହିଥିଲେ।

## ପୁଣି ଜେଲ୍ ଗଲେ ନବରଙ୍ଗପୁର ପୂର୍ବତନ ଅତିରିକ୍ତ ଉପ ଜିଲ୍ଲାପାଳ ପ୍ରଶାନ୍ତ ରାଉତ

ଭୁବନେଶ୍ୱର, ୩।୭(ପି.ଏନ): ରିମାଣ୍ଡ ଅବଧି ସମାପ୍ତ ହେବା ପରେ କୋର୍ଟରେ ହାଜର ହେବା ପରେ ନବରଙ୍ଗପୁର ପୂର୍ବତନ ଅତିରିକ୍ତ ଉପ ଜିଲ୍ଲାପାଳ ପ୍ରଶାନ୍ତ ରାଉତ ପୁଣି ଥରେ ଜେଲ ଯାଇଛନ୍ତି । ଉଲ୍ଲେଖନୀୟ ଯେ ପାଂଚ ଦିନିଆ ରିମାଣ୍ଡ ସମାପ୍ତ ହେବା ପରେ ଆଜି ତାଙ୍କୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା । ଭିଜିଲାନ୍ସ ତାଙ୍କୁ ରିମାଣ୍ଡ ବେଳେ ପ୍ରଶାନ୍ତଙ୍କ ଆହୁରି ସଂପତି ଠାବ କରିଥିବା ଜଣା ପଡିଛି । ପୂର୍ବରୁ ୫ କୋଟି ୨୧ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତି ମିଳିଥିଲା -ଯାହା ନିଜସ୍ୱ ଆୟ ତୁଳନାରେ ୫୦୦ ପ୍ରତିଶତରୁ ଅଧିକ ଥିଲା ।

### ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ସମେତ ଲାଲୁଙ୍କ ବିରୋଧରେ ସିବିଆଇର ଚ୍ାର୍ଜସିଟ୍

ନୂଆଦିଲ୍ଲୀ,୩।୭(ପି.ଏନ): ଜମି ବଦଳରେ ରେଲୱେରେ ଚ୍ାକିରି ମାମଲାରେ ସିବିଆଇର ଚ୍ାର୍ଜସିଟ୍ ଦାଖଲ। ଲାଲୁ ଯାଦବଙ୍କ ପରିବାରର ୩ ଜଣଙ୍କ ନାଁରେ ଚ୍ାର୍ଜସିଟ୍ ଦାଖଲ କରିଛି ସିବିଆଇ।ଲାଲୁ, ତାଙ୍କ ପତ୍ନୀ ରାବ୍ରୀ ଦେବୀ, ପୁଅ ତେଜସ୍ୱୀଙ୍କ ନାଁରେ ଚ୍ାର୍ଜସିଟ୍ ଦାଖଲ ହୋଇଛି। ତେଜସ୍ୱୀ ଯାଦବ ଏବେ ବିହାରର ଉପମୁଖ୍ୟମନ୍ତ୍ରୀ ଅଛନ୍ତି। ଯାହାକୁ ନେଇ ଏଠାରେ ରାଜନୀତିରେ ଚ୍ର୍ଚ୍ଚା ଜୋର ଧରିଛି।

## ସିଟିଜେନସ୍ ହ୍ୟୁମାନ ରାଇଟସ୍ କ୍ଲିନିକ ଓଡ଼ିଶାର ଅଷ୍ଟମ ଜାତୀୟ ମାନବ ଅଧିକାର କର୍ମଶାଳା







ବାଲେଶ୍ୱର,୩।୭(ପ.ଏନ): ୦୧-୦୭-୨୦୨୩ରିଖ ବାଲେଶ୍ୱର ସ୍ଥିତ ଉଦ୍ୟୋଗ ଭବନରେ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସିଟିଜେନସ୍ ହ୍ୟୁମାନ ରାଇଟସ୍ କ୍ଲିନିକ' ତାର ଅଷ୍ଟମ ଜାତୀୟ କର୍ମଶାଳାକୁ ଉଦ୍‌ଯାପିତ କରିଛି । ଉକ୍ତ କର୍ମଶାଳାରେ ଯୋଗଦେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନର ପ୍ରଫେସର ଡ଼କ୍ଟର ଅନୀଲ କୁମାର ମହାପାତ୍ର, ରାଞ୍ଚିସ୍ଥିତ ନିଆମାଟ୍ ଜାତୀୟ ଅନୁଷ୍ଠାନର ପ୍ରଫେସର ଡ଼କ୍ଟର ବଂଶିଧର ମଲ୍ଲିକ, ଗୋପାଳପୁର ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼କ୍ଟର ନଗେନ୍ଦ୍ର ନାଥ ପାଢ଼ୀ, ବାଲେଶ୍ୱର ଶିଶୁ ସୁରକ୍ଷା ସମିତିର ଅଧ୍ୟକ୍ଷ ଡ଼କ୍ଟର ମୃତ୍ୟୁଞ୍ଜୟ ପଣ୍ଡା, ଉଦଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼କ୍ଟର ମହେଶ୍ୱର ମହାପାତ୍ର, ସି. ଏଚ, ଆର.ସି. ର କର୍ମକର୍ତ୍ତା ଅଶ୍ୱିନୀ କୁମାର ଜେନା, ପ୍ରମୋଦ କୁମାର ପଟ୍ଟାୟତ, ବିଶ୍ୱକେଶନ ବେହେରା ଇତ୍ୟାଦି ମାନବ ଅଧିକାର ସୁରକ୍ଷା ଉପରେ ନିଜନିଜର ବକ୍ତବ୍ୟ ରଖିଥିଲେ । ଏହି କର୍ମଶାଳାରେ ହ୍ୟୁମାନ ରାଇଟସ୍ କ୍ଲିନିକ ତରଫରୁ ବାହାନଗା ସ୍ଥିତ ଶରଧାବାଲି ସାଂସ୍କୃତିକ ଯୁବ ପରିଷଦ , ସୋରର ଆଦର୍ଶ ଯୁବପରିଷଦ ଓ ଜଳେଶ୍ୱରରେ ଅବସ୍ଥିତ 'ହେଲପ୍ ଫର ୟୁ' ଫାଉଣ୍ଡେସନର ସଭ୍ୟ ଓ ସଭ୍ୟାମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ କାମପାଇଁ ମାନପତ୍ର , ସନନ୍ଦପତ୍ର ଓ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରାଯାଇଥିଲା । ସେମିତି ମାନବ ସେବାରେ ଉତ୍ସର୍ଗୀକୃତ ଅବଦାନ ପାଇଁ ଆଡ଼ଭୋକେଟ ପ୍ରତାପ କେଶରୀ ଦାସ , ବାଲିକୁଟି ଗ୍ରାମର ବିଶିଷ୍ଟ ବୁଦ୍ଧିଜୀବି ସଞ୍ଜୟ କୁମାର ପାତ୍ର, ମାନବାଧିକାର କର୍ମୀ ସେଖ ମୁକ୍ତାର୍ ଉଦ୍ଦିନ, ବିଶ୍ୱକେଶନ ବେହେରା, ପରେଶନାଥ ପାତ୍ର, ହେମନ୍ତ କୁମାର ସାହୁ ଇତ୍ୟାଦିଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଉକ୍ତ ଜାତୀୟ କର୍ମଶାଳାକୁ ଉଦ୍‌ବୋଧିତ କରି ପ୍ରଫେସର ଅନୀଲ କୁମାର ମହାପାତ୍ର କହିଥିଲେ, " ସି.ଏଚ. ଆର. ସି. ଏକ ପ୍ଲାଟଫର୍ମ ଯାହା ମାନବ ଅଧିକାର ସୁରକ୍ଷା ପାଇଁ କାମ କରି ସମାଜରେ ସମସ୍ତଙ୍କର ଆଦରଲାଭ କରିଛି ।" ଅଧିବେଶନର ସଭାପତି ଶ୍ରୀ ଗୋପବନ୍ଧୁ ମଲ୍ଲିକ ଓ ସଞ୍ଚାଳକ ପ୍ରଫେସର ଜୟକୃଷ୍ଣ ମହାନ୍ତ ନିଜର ବକ୍ତବ୍ୟରେ ମାନବ ଅଧିକାର ସୁରକ୍ଷା ପାଇଁ ତାଙ୍କ ଅନୁଷ୍ଠାନ ନିରନ୍ତର କାମ କରିବ ବୋଲି ସମସ୍ତଙ୍କୁ ପ୍ରତିଶୃତି ଦେଇଥିଲେ ।

## ମୁକୁଳା ପଡିଛି ୫ ଜଳ ନିଷ୍କାସନ ପଥ, ନଦୀକୂଳବାସୀ ଛାନିଆ

ଭଦ୍ରକ, ୩।୭(ପି.ଏନ): ଧାମନଗର ଏକ ବନ୍ୟା ଳ ଭାବେ ପରିଚିତ। ବୈତରଣୀ ନଦୀର ଉପରମୁଣ୍ଡରେ ଲଗାଣ ବର୍ଷା ହେଲେ ଧାମନଗର ଅଂଚଳର ଲୋକେ ଛାନିଆ ହୋଇପଡନ୍ତି। କାରଣ ବୈତରଣୀ ନଦୀର ଉପରମୁଣ୍ଡ କେନ୍ଦୁଝର ଜିଲାରେ ବର୍ଷା ହେଲେ ସର୍ବାଧିକ ୯୦ ପ୍ରତିଶତ ବର୍ଷାଜଳ ବୈତରଣୀ ନଦୀରେ ପ୍ରବାହିତ ହୋଇଥାଏ। ଫଳରେ ବୈତରଣୀ ଫୁଲିବା ଆରମ୍ଭ କରି ବନ୍ୟା ପରିସ୍ଥିତି ସୃଷ୍ଟି କରିଥାଏ। ଏବେ ବର୍ଷାରତୁ ଆରମ୍ଭ ହେଲାଣି। ଆଗକୁ ଅଧିକ ପରିମାଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ହେଲେ ଧାମନଗର ଅଂଚଳର ଥିବା ୫ଟି ଜଳ ନିଷ୍କାସନ ପଥ (ଏସ୍‌କେପ) ଏବେ ବି ମୁକୁଳା ପଡିଛି। ବୈତରଣୀ ନଦୀର ଉଦେଇପୁରରେ ମଲ୍ଲୀମାହାରା ଓ ସୋହଡା ପ ।ୟତ ଗୌରାଙ୍ଗପୁର ଜଳ ନିଷ୍କାସନ ପଥ ଥିବାବେଳେ ଗେଙ୍ଗୁଟି ନଦୀର କନକେଇ, ମଠମାହାରା ଓ ଗାଇଛନ୍ଦା ଆଦି ୫ଟି ଜଳ ନିଷ୍କାସନ ପଥ ରହିଛି। ପ୍ରତିବର୍ଷ ବନ୍ୟାରେ ଏହି ଜଳ ନିଷ୍କାସନ ପଥ ନଷ୍ଟଭ୍ରଷ୍ଟ ହେବା ପରେ ବିଭାଗ ପକ୍ଷରୁ ବାରମ୍ବାର ମରାମତି କାର୍ଯ୍ୟ କରାଯାଏ। ହେଲେ ଏସବୁ ଜଳ ନିଷ୍କାସନ ପଥ ମରାମତି ଆଜିପର୍ଯ୍ୟନ୍ତ ହୋଇନାହିଁ। ଗତବର୍ଷ ବନ୍ୟାରେ ଏସ୍‌କେପରୁ ପଥର ଭାସିଯିବା ସହିତ ପ୍ରଖର ସ୍ରୋତରେ ନିଷ୍କାସନ ପଥ ଖୋଳି ନଷ୍ଟ ହୋଇଛି। ଏସବୁ ଏସ୍‌କେପକୁ ଉଚ୍ଚତା ବୃଦ୍ଧି ସହିତ ତା ଉପରେ ଫୁଟ୍‌ବ୍ରିଜ୍ ପାଇଁ ସ୍ଥାନୀୟ ଲୋକ ଦାବି କରୁଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ତାହା କରାଯାଉନାହିଁ। ଧାମନଗର ଅଂଚଳରେ ପ୍ରବାହିତ ବୈତରଣୀ ସମତେ କୋଚିଳା ଓ ଗେଙ୍ଗୁଟି ନଦୀରେ ପ୍ରତିବର୍ଷ ବନ୍ୟା ଆସି ପ୍ରାୟ ୨୫ ପ ।ୟତକୁ ପ୍ରଭାବିତ କରିଥାଏ। ଘରଦ୍ୱାର, ଚାଷଜମି ଓ ରାସ୍ତା ନଷ୍ଟ ହୋଇଥାଏ। ବ୍ଲକ୍‌ର ତଳିଆ ଅଂଚଳ ପଧାନୀ, କଇଥାଡିହ, ଦଶନ୍ଧିକୂଳ, ରାମରାକୁଳ, ସୋହଡା, ବାଲିପଡା, ପାଟୁଳି, ଗୌରାଙ୍ଗପୁର, କ୍ଷେତ୍ରପୁର, କରଦା, ଖରାଖି, ମାଳସାହି, ଅଲ୍ଲୀନଗର, ଦଳାଙ୍ଗ, ରାମେଶ୍ୱରପୁର, ଆନନ୍ଦପୁର, ଉଦେଇପୁର, କରସାହି, ଦକ୍ଷିଣ କୋରୁଆ, କାଞ୍ଚିଆପାଳ, ମୁଥାନଗର, ଖଡିପଦା ଆଦି ଅଂଚଳବାସୀ ୪/୫ଦିନ ଜଳବନ୍ଦୀ ଅବସ୍ଥାରେ ରହନ୍ତି। ଏସବୁ ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ କାର୍ଯ୍ୟ ନିମ୍ନମାନର ଯୋଗୁଁ ବର୍ଷେ ଭିତରେ ବନ୍ଧ ନଷ୍ଟ ହେଉଛି। ଗେଙ୍ଗୁଟି ନଦୀବନ୍ଧର ଗୋବିନ୍ଦା ଗୁଡିଆରୁ ଦୋବଲ ଦେଇ ସୋଧ ବନ୍ଧ ସୁଦୃଢ଼ୀକରଣର କିଛି ମାସ ମଧ୍ୟରେ ନଷ୍ଟ ହେଲାଣି। କିଛି ମାସ ତଳେ ଗୌରାଙ୍ଗପୁର ଓ ମଲ୍ଲିମାହାରା ଜଳ ନିଷ୍କାସନ ପଥ ମରାମତି ପାଇଁ ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ କାର୍ଯ୍ୟ କରାଯାଇଥିଲା। ହେଲେ କାମ ନିମ୍ନମାନର ଯୋଗୁଁ ଗତ ବନ୍ୟାରେ ଏହା ନଷ୍ଟ ହୋଇଯାଇଛି। ଗୌରାଙ୍ଗପୁର ପଥରୁ ସବୁ ପଥର ବାହାରିଯାଇଛି। ସେଠାରେ ବଡ ବଡ ଖାଲ ମଧ୍ୟ ସୃଷ୍ଟି ହୋଇଛି। ଏହି ପଥଦେଇ ବନ୍ୟାଜଳ ଆସି ଗତବର୍ଷ ସୋହଡା ପ ।ୟତର ବାଲିପଡା ଗୌରାଙ୍ଗପୁର, ଦୁଲାରପୁର ପାଟୁଳିଆ (ଜେନାସାହି) ଓ ସୋହଡା ଗ୍ରାମର ପ୍ରାୟ ୨ ହଜାର ଲୋକ ବନ୍ୟା ଘେରରେ ରହିଥିଲେ। ପ୍ରାୟ ୪/୫ ଦିନ ଏହି ପ ।ୟତର ଲୋକ ବନ୍ୟା ଘେରରେ ରହିଥାଆନ୍ତି। ସମସ୍ତ ଏସକେପ ଗତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ତାହା ମରାମତି ହେଉନାହିଁ। ଗୌରାଙ୍ଗପୁର ଏସକେପ ଉପରେ ପ ୁଟିକ୍ରି ଓ ମରାମତି କାର୍ଯ୍ୟ ପାଇଁ ପ୍ରାୟ ୪ କୋଟି ୨୦ ଲକ୍ଷ ଓ ମଲ୍ଲିବାହାରା ଏସ୍‌କେପ ଉପରେ ଫୁଟବ୍ରିଜ୍ ଓ ସୁଦୃଢ଼ୀକରଣ ପାଇଁ ୬ କୋଟି ୮୫ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଚଳିତ ବର୍ଷାରତୁ ପରେ ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ଜଳସେଚନ ବିଭାଗ ଯନ୍ତ୍ରୀ ପ୍ରଦୀପ କୁମାର ଦାସ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଗେଙ୍ଗୁଟି ନଦୀରେ ଥିବା ୩ ଏସ୍‌କେପ ମରାମତି କାର୍ଯ୍ୟ ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ବୈତରଣୀ ନଦୀର ଆଖୁଆପଦାରେ ବିପଦ ସଂକେତ ୧୭.୮୩ ମିଟର ରହିଛି। ସେଠାରେ ବନ୍ୟା ଜଳ ବିପଦ ସଂକେତ ଉପରେ ତଥା ୧୮.୦୧ ମିଟର ଛୁଇଁଲେ ଗୌରାଙ୍ଗପୁର ଓ ମଲ୍ଲିମାହାରା ଏସକେପରୁ ବନ୍ୟା ଜଳ ନିଷ୍କାସନ ହୋଇଥାଏ। ସେହିପରି ଏହି ଦୁଇ ଏସକେପର ଲେଭୁଲ ୧୦.୨ ମିଟର ଥିବାବେଳେ ପ୍ରତିବର୍ଷ ବନ୍ୟାରେ ଏସକେପ ନଷ୍ଟ ହେଉଛି। ଏସକେପର ଉଚ୍ଚତା ବୃଦ୍ଧି ସହିତ ସୁଦୃଢ଼ୀକରଣ କରିବା ଆବଶ୍ୟକ ରହିଛି ବୋଲି ସ୍ଥାନୀୟ ଅଂଚଳବାସୀ ଦାବି କରିଛନ୍ତି। ଯଦି ଏଥର ବଡ ଧରଣର ବନ୍ୟା ଆସେ, ତେବେ ଧାମନଗର ଅଂଚଳ ଅଧିକ ପ୍ରଭାବିତ ହେବ ବୋଲି ନଦୀକୂଳିଆ ବାସୀ ଆଶଙ୍କା କରିଛନ୍ତି।

## ବିଜେଡି ନେତ୍ରୀଙ୍କ ନିର୍ଯାତନାରେ ଅତିଷ୍ଠ ପରିବାର; ପୁଲିସ୍ କମିଶନରଙ୍କ ଦ୍ୱାରସ୍ଥ ହେଲେ ମାଆ

ଭୁବନେଶ୍ୱର,୩।୭(ପି.ଏନ): ପୁଣି ଥରେ ଚ୍ର୍ଚ୍ଚାରେ ବିଜେଡି ନେତ୍ରୀ ସଂଯୁକ୍ତା ମହଲା। ତାଙ୍କ ନାଁରେ ଆସିଛି ସଙ୍ଗୀନ ଅଭିଯୋଗ। ବିଜେଡିର ପାୱାର ଦେଖାଇ ପରିବାର ଲୋକଙ୍କୁ ନା ନା ହଇରାଣ କରୁଛନ୍ତି। ସାନ ଭାଇ ନାଁରେ ରେପ୍ କେସ୍ ଦେଇଛନ୍ତି। ପରିବାର ଲୋକଙ୍କୁ ମାରିଦେବାକୁ ଧମକ ଦେଉଛନ୍ତି ବୋଲି ସଞ୍ଜୁକ୍ତାଙ୍କ ମାଆ ଅଭିଯୋଗ କରିଛନ୍ତି। ଏବେ ନ୍ୟାୟ ପାଇଁ ପରିବାର ଲୋକେ ଭୁବନେଶ୍ୱର ପୁଲିସ କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନ୍ୟାୟ ପାଇଁ ଗୁହାରୀ କରିଛନ୍ତି। ପୁଲିସ୍ କମିଶନରଙ୍କୁ ଭେଟିବା ପୂର୍ବରୁ ଗଣମାଧ୍ୟମକୁ ସୂଚ୍ନା ଦେଇ ସଂଯୁକ୍ତା ମହଲାଙ୍କ ମାଆ କହିଥିଲେ, ମୋ ପୁଅ ଆଇଆର୍‌ବିରେ ଚ୍ାକିରି କରୁଛି। ଦୀର୍ଘ ୫ ବର୍ଷ ହେଲା ତାକୁ ମୋ ବଡ ଝିଅ ସଂଯୁକ୍ତା ନିର୍ଯାତନା ଦେଉଛି । ବିଜେଡିରେ ଥିବାରୁ



କୋରାପୁଟରେ ଚ୍ାକିରି କରୁଥିବା ପୁଅକୁ ଭୁବନେଶ୍ୱରକୁ ବଦଳି କରାଇ ଦେଉନି। ତା' ଚ୍ାକିରି ଖାଇବା ପାଇଁ ତା' ନାଁରେ ବିଭିନ୍ନ ମାମଲା ଦେଇଛି। ରେପ୍ କେସ ଦେଇଛି। ବୋହୂ ଭୁବନେଶ୍ୱରରେ ରହୁଥିବାରୁ ତାଙ୍କୁ ବିଭିନ୍ନ ସମୟରେ ଧମକ ଚ୍ମକ ଦେଉଛି। ମାରିଦେବ ବୋଲି କହୁଛି। ୧୫ ଦିନ ତଳେ ବୋହୂ ନାଁରେ ଫେସ୍‌ବୁକ୍‌ରେ ଅଶ୍ଳୀଳ ପୋଷ୍ଟ କରିଛି। ଖାଲି ବୋହୂ ନୁହେଁ, ପୁଅ ନାଁରେ ମଧ୍ୟ ଲେଖୁଛି। ତା' ନିର୍ଯାତନା କେତେ ସହିବୁ ସେଥିପାଇଁ ଆମେ କମିଶନରଙ୍କୁ ଦେଖା କରିବାକୁ ଆସିଛୁ।








# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢ଼ଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢ଼ାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢ଼ୁଥିଲେ। ପାଠପଢ଼ା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢ଼ା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢ଼ିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚ୍ୟୁଣ୍ଟ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜୁଲାଇ ୪

# ପ୍ରଶ୍ନୋତ୍ତର ରାଜନୀତି

ଏବେ ଯାହା ଦୃଷ୍ଟିଗୋଚ୍ଚର ହେଉଛି, ଓଡ଼ିଶାର ଉଭୟ ବୈଦୁତିକ ଓ ଛାପା ଗଣମାଧ୍ୟମରେ କେତେବେଳେ ମୁଖ୍ୟ ବିରୋଧୀ ଦଳ ବିଜେପି ଓ କଂଗ୍ରେସ ଶାସକ ବିଜେଡିକୁ କିଛି ପ୍ରଶ୍ନ ତ ଆଉ କେତେବେଳେ ଶାସକ ଦଳ ଉତ୍ତର ରଖିବା ସହ ବିରୋଧୀ ଦଳମାନଙ୍କୁ କିଛି ପ୍ରଶ୍ନ ପଚ୍ଚାରିବାର ଖବର ଅହରହ ପ୍ରସାରିତ ଓ ପ୍ରକାଶିତ ହେଉଛି ଯାହାକୁ ନେଇ ଉଭୟ ଶାସକ ଓ ବିରୋଧୀ ଦଳଙ୍କର ସମର୍ଥକମାନେ ସାମାଜିକ ଗଣ ମାଧ୍ୟମରେ ଖୁବ୍ ତୁମ୍ଭିତୋଫାନ ମଧ୍ୟ କରୁଛନ୍ତି। କ୍ଷମତା କେନ୍ଦ୍ରକୁ ପ୍ରଶ୍ନ ପଚ୍ଚାରିବା ଗଣତନ୍ତ୍ର ପାଇଁ ଶୁଭଙ୍କର। କିନ୍ତୁ, ନିର୍ଦ୍ଦିଷ୍ଟ ଦଳଗୁଡ଼ିକର ମୁଖିଆ, ମୁଖପାତ୍ର ବା ପ୍ରତିନିଧିମାନେ ପ୍ରଶ୍ନ ପଚ୍ଚାରିବା କିମ୍ବା ଉତ୍ତର ରଖିବା ବେଳେ ଶାଳୀନତା ରକ୍ଷାକରିବା ପରିଲକ୍ଷିତ ହେଉଥିଲେବି, ସାମାଜିକ ଗଣମାଧ୍ୟମରେ ତଥାକଥିତ କିଛି ଭକ୍ତ ଓ ସମର୍ଥକଗଣଙ୍କର ମତମନ୍ତବ୍ୟ ଏତେ କଟୁ, ଅଶାଳୀନ ଓ ନିମ୍ନମାନର ଯାହା ଜଣେ ନିରପେକ୍ଷ ବୁଦ୍ଧିଜୀବୀ ପକ୍ଷରେ ହଜମ କରିବା କଷ୍ଟକର। ପ୍ରଶ୍ନୋତ୍ତରର ଢଙ୍ଗରଙ୍ଗ ଓ ଗଭୀରତାକୁ ନିରିଖେଇ ଦେଖିଲେ ପ୍ରତୀୟମାନ ହେଉଛି ଯେ ୨୦୨୪ର ସାଧାରଣ ନିର୍ବାଚ୍ଚନ ଯେତିକି ଯେତିକି ପାଖେଇ ଆସୁଛି, ଜନସ୍ୱାର୍ଥ ସମ୍ବଳିତ ମୁଖ୍ୟ ପ୍ରସଙ୍ଗରୁ ଦୁରେଇ ଯାଇ କିଛି ଅପ୍ରାସଙ୍ଗିକ ଓ ଗୁରୁତ୍ୱହୀନ ଘଟଣାକୁ ନେଇ ଉଭୟେ ଉଭୟଙ୍କୁ ଲୋକଦେଖାଣିଆ ଭାବେ ଅଡୁଆରେ ପକେଇବାକୁ ଅପଚେଷ୍ଟା କରୁଛନ୍ତି ମାତ୍ର। ମାତ୍ରାଧିକ ସଂଖ୍ୟାରେ ବରିଷ୍ଠ ତୁଙ୍ଗ ନେତାମାନେ ଅନ୍ତର୍ଦ୍ୱନ୍ଦ ଯୋଗୁଁ ଦଳଡିଆଁ ଖେଳରେ ବିଶ୍ୱାସ ରଖି ଓଡ଼ିଶାରେ ଜାତୀୟ କଂଗ୍ରେସର ସ୍ଥିତିକୁ ଗୋଟିଏ ପଟେ ଦୁର୍ବଳ କରିଥିବା ବେଳେ, ଅନ୍ୟପକ୍ଷରେ ସାମ୍ପ୍ରତିକ ରାଜନୈତିକ ଦୃଶ୍ୟପଟରେ କେନ୍ଦ୍ରୀୟ ସ୍ତରରେ ବିଜେଡି ଓ ବିଜେପିର ସମ୍ପର୍କରୁ ଯାହା ଜଣାପଡେ ସେମାନଙ୍କର ରାଜ୍ୟସ୍ତରୀୟ ଦ୍ୱନ୍ଦ କେବଳ ଉପରଠାଉରିଆ। ସ୍ୱଚ୍ଛ ଓ ମଜଭୁତ ଗଣତନ୍ତ୍ର ପାଇଁ ବିରୋଧୀଦଳର ଯେଉଁ ଶକ୍ତିଶାଳୀ ଭୂମିକା ରହିବା କଥା, ଓଡ଼ିଶାରେ ତାହା ନାହିଁ କହିଲେ ଚ୍ଚଳେ। ଯାହା ବୁଝାପଡୁଛି, ପ୍ରକୃତ ସମସ୍ୟାରୁ ଲୋକଙ୍କୁ ଦୁରେଇନେଇ ଏସବୁ ପ୍ରଶ୍ନୋତ୍ତର ରାଜନୀତି କେବଳ ଆଗାମୀ ନିର୍ବାଚ୍ଚନରେ ନିଜ ନିଜର ପତିଆରା ବୃଦ୍ଧି ପାଇଁ ଉଦ୍ଦିଷ୍ଟ। ଦେଶର ସମସ୍ୟାଗୁଡ଼ିକୁ ନେଇ ଯେ ପ୍ରଶ୍ନ ପଚ୍ଚରା ଯାଉନାହିଁ, ସେକଥା ନୁହଁ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନମାରଣ ନୀତିକୁ ନେଇ କିଛି ନିରଦ୍ଦିଷ୍ଟ ରାଜନୈତିକ ଦଳ ସତ୍ୟ ଓ ତଥ୍ୟ ସମ୍ବଳିତ ପ୍ରଶ୍ନ ପଚ୍ଚାରୁଛନ୍ତି ନିଶ୍ଚୟ। ମୁଦ୍ରାସ୍ପିତି, ବେକାରୀ, ଜାତିବାଦ, ଧାର୍ମିକ ବିଦ୍ୱେଷ, ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା, ସାମ୍ବାଦିକତା ଓ ସମ୍ବାଦପତ୍ରର ସ୍ୱାଧୀନତା, ସରକାରୀ ଓ ରାଷ୍ଟ୍ରାୟତ ସଂସ୍ଥାର ଘରୋଇକରଣ, ଜଳ ଓ ବିଦ୍ୟୁତ ସଙ୍କଟ, ଋଣ ଓ ଟିକସ ଛାଡ ନାଁରେ ଘରୋଇ ଉଦ୍ୟୋଗପତିଙ୍କ ପ୍ରତି ଅହେତୁକ ପ୍ରିତି ଆଦି ଅନେକ ସାମ୍ପ୍ରତିକ ପ୍ରସଙ୍ଗ ଉପରେ ଅଙ୍ଗୁଳି ଉଠୁଛି। ହେଲେ ଶୁଣୁଛି କିଏ? କୃଷକ, ଶ୍ରମିକ, କର୍ମଚ୍ଚାରୀ, ଖେଳାଳି, ଓକିଲ, ଡାକ୍ତର, ଶିକ୍ଷକ, ସାମ୍ବାଦିକ, ଜନଜାତି ସଭିଏଁ ନିଜ ନିଜ ତରିକାରେ ପ୍ରଶ୍ନ କରୁଛନ୍ତି। ହେଲେ ଉତ୍ତର ନାହିଁ। ନିର୍ବାଚ୍ଚନରେ ଜିତି ଥରେ ଅଖଣ୍ଡ ବହୁମତ ହାସଲ କରିନେଲେ, କଥା ସରିଲା। ଏକ ଅଭାବନୀୟ ନୀରବତା ଭିତରେ ମଣିପୁର ଜଳୁଛି। ମିଳିତ ବିରୋଧୀ ଦଳଙ୍କ ପ୍ରଶ୍ନ ଉପରେ ପ୍ରଧାନମନ୍ତ୍ରୀ ନୀରବ। ରାଜ୍ୟରେ କ୍ରମାଗତ ଘୋର ବିଦ୍ୟୁତ ବିଭ୍ରାଟ ବେଳେ ବିଭାଗୀୟ ମନ୍ତ୍ରୀ ବେପରୁଆ ତ ମୁଖ୍ୟମନ୍ତ୍ରୀଙ୍କ ପାଟି ଚୁପ। ଏଭଳି ଉଦାହରଣ ଅନେକ। ଏହି ପରିପ୍ରେକ୍ଷୀରେ, ମୁଖ୍ୟମନ୍ତ୍ରୀଙ୍କର ଅହେତୁକ ଅନୁକମ୍ପା ସହ ଜଣେ ସଚ୍ଚିବଙ୍କର ଅଖଣ୍ଡ ରାଜନୈତିକ କ୍ଷମତା ଉପଭୋଗ ସହ



ବୃହସ୍ପତି ସାମଲ

ସର୍ବଭାରତୀୟ ସେବା ଆଚ୍ଚରଣ ବିଧିର ଉଲଂଘନକୁ ନେଇ ଓଡ଼ିଶାରେ ଚ୍ଚାଲିଥିବା ସଦ୍ୟତମ ବାଦବିବାଦକୁ ପ୍ରସଙ୍ଗକ୍ରମେ ଆଲୋଚ୍ଚନା କରିବା ଉଚ୍ଚିତ ମନେହୁଏ। ସର୍ବଭାରତୀୟ ପ୍ରଶାସନିକ ସେବାରେ ଥାଇ ସଂପୃକ୍ତ ସଚ୍ଚିବ ରାଜନୈତିକ କାର୍ଯ୍ୟକ୍ରମରେ ଭାଗନେବା, ଉପଢୌକନ ଗ୍ରହଣକରି ଭବ୍ୟ ସମ୍ବର୍ଦ୍ଧନା ପାଇବା ଏବଂ ଶାସକ ଦଳର କାର୍ଯ୍ୟକ୍ରମକୁ ବିଭିନ୍ନ ଉପାୟରେ ଖୋଲାଖୋଲି ପ୍ରୋତ୍ସାହିତ ଓ ତ୍ୱରାନ୍ୱିତ କରିବା ସର୍ବଭାରତୀୟ ସେବା ଆଚ୍ଚରଣ ବିଧିର ଉଲଂଘନ ବୋଲି ମାନ୍ୟବର ଭୁବନେଶ୍ୱର ସାଂସଦ ଯାହା ଅଭିଯୋଗ କରିଛନ୍ତି ସେଥିରେ କୌଣସି ଦ୍ୱିମତ ନାହିଁ। ତଳତଳିଆ କର୍ମଚ୍ଚାରୀଟିଏ ହେଇଥିଲେ ଏତେବେଳକୁ ଚ୍ଚାକିରୀରୁ ନିଲମ୍ବିତ କି ବହିଷ୍କୃତ ହେଇସାରନ୍ତେଣି। ହେଲେ ବଡବଡିଆଙ୍କୁ ଉତ୍ତର ନାହିଁ। କହିବ କିଏ? ମାନ୍ୟବର ସାଂସଦ ଯଦିଓ ଏ ପ୍ରସଙ୍ଗ ଉଠେଇଲେ, ବହୁତ ଡେରି କରିଦେଲେ। ନିଜେ ପ୍ରଶାସନିକ ଅଧିକାରୀ ଥାଇ ସେ ଠିକ ଜାଣିଛନ୍ତି ଯେ ଭାରତ ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସର୍ବଭାରତୀୟ ସେବା ଅଧିକାରୀମାନଙ୍କ ହର୍ତ୍ତାକର୍ତ୍ତା। ସଠିକ ପ୍ରମାଣ ସହ ଗୋଟିଏ ଅଭିଯୋଗ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଯଥେଷ୍ଟ। ରାଜ୍ୟ ସ୍ତରରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ ସହ ବୟାନବାଜି କରିବାର କୌଣସି ଆବଶ୍ୟକତା ହିଁ ନାହିଁ। ଶେଷରେ ସେୟା କଲେ, ହେଲେ ଆବଶ୍ୟକତା ଠାରୁ ଯଥେଷ୍ଟ ବିଳମ୍ବରେ। ଏବେ ମାନ୍ୟବର ଭୁବନେଶ୍ୱର ସାଂସଦ ଓ ରାଜ୍ୟ ବିଜେପି ସଭାପତିଙ୍କ ଚ୍ଚିଠି ଉପରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। କିନ୍ତୁ ଇତିମଧ୍ୟରେ, ସଚ୍ଚିବଙ୍କ ବିରୁଦ୍ଧରେ ଅଭିଯୋଗକୁ ନେଇ ମାନ୍ୟବର ଭୁବନେଶ୍ୱର ସାଂସଦଙ୍କୁ ବିଜେଡିର ପାଞ୍ଚଟି ପ୍ରଶ୍ନ ତ ରାଜ୍ୟ କଂଗ୍ରେସର ବିଜେପିକୁ ଗୋଟିଏ ପ୍ରଶ୍ନ ସହ ବିଜେଡ଼ିକୁ ମଧ୍ୟ ପାଞ୍ଚଟି ପ୍ରଶ୍ନ। କେତୋଟି ନିରଦ୍ଦିଷ୍ଟ ବୈଦୁତିକ ଗଣମାଧ୍ୟମ କୌଣସି ନା କୌଣସି ରାଜନୈତିକ ଦଳର ମୁଖପତ୍ର ହେଇ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଧ୍ୟାନ ନଦେଇ ଦିନରାତି ଏ ଖବରକୁ ଏପଟ ସେପଟ କରି ଏମିତି ପ୍ରସାରିତ କରୁଛନ୍ତି ସତେ ଯେମିତି ୨୦୨୪ର ସାଧାରଣ ନିର୍ବାଚ୍ଚନ ଫଳାଫଳ ଏହାରି ଉପରେ ହିଁ ନିର୍ଭରଶୀଳ। ଗୋଟିଏ ଗୁରୁତ୍ୱହୀନ ପ୍ରସଙ୍ଗକୁ ନେଇ ବିଜେଡି, ବିଜେପି ଓ କଂଗ୍ରେସର ପାରସ୍ପରିକ କାଦୁଅ ଫିଙ୍ଗାଫିଙ୍ଗିରେ ସାଧାରଣ ଜନତାର ମୌଳିକ ପ୍ରଶ୍ନ ପରଦା ଆଢୁଆଳରେ ରହିଯାଉଛି। ରାଜ୍ୟରେ ଶାସକ ବିଜେଡି ଦଳ ଗୋଳିଆ ପାଣିରୁ ଫାଇଦା ନେବାକୁ ଚେଷ୍ଟା କରୁଥିବା ବେଳେ, ମୁଖ୍ୟ ବିରୋଧୀ ଦଳ ବିଜେପି ଓ କଂଗ୍ରେସ ସେଥିରେ ସହଯୋଗ କଲାଭଳି ପ୍ରତୀୟମାନ ହେଉଛି। ଦାରିଦ୍ର୍ୟ, ଦରଦାମ ବୃଦ୍ଧି, ବେରୋଜଗାରୀ, ଜଳ ସଙ୍କଟ ଭଳି ଉତ୍କଟ ସମସ୍ୟାରେ ରାଜ୍ୟବାସୀ ଘାଣ୍ଟିଚ୍ଚକଟି ହେଉଥିବା ବେଳେ ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ ପରେବି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନାଦିର ଯେଉଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଇଛି ସେସବୁ ନେଇ ରାଜନୈତିକ ଦଳମାନଙ୍କ ଦ୍ୱାରା ଯେଭଳି ଆଲୋଚ୍ଚନା ପର୍ଯ୍ୟାଲୋଚ୍ଚନାର ଆବଶ୍ୟକତା ରହିଛି, ଓଡ଼ିଶାରେ ସେସବୁ ନାହିଁ। ନିର୍ଦ୍ଧାରିତ ଦଳୀୟ ସ୍ୱାର୍ଥ ଆଗରେ ମିଳିତ ଜନସ୍ୱାର୍ଥ ପ୍ରାଧାନ୍ୟ ହରେଇ ବସୁଛି। ପ୍ରତ୍ୟେକ ରାଜନୈତିକ ଦଳ ବୁଥ ସ୍ତରରୁ ଦଳକୁ ମଜଭୁତ କଲାବେଳେ କର୍ମୀମାନଙ୍କୁ ଭୋଟବ୍ୟାଙ୍କ ରାଜନୀତିର ପାଠ ପଢେଇବା ପାଇଁ ନିମଗ୍ନ ରହୁଛନ୍ତି ସିନା, ଜନସ୍ୱାର୍ଥ ସମ୍ବଳିତ ପ୍ରଶ୍ନ ଉପରେ ସଚେତନ କରୁନାହାନ୍ତି। ଫଳରେ କର୍ମୀମାନେ ଦେଶ ନୁହେଁ ଦଳର ଆଦର୍ଶକୁ ପ୍ରାଧାନ୍ୟ ଦେଉଛନ୍ତି। ପ୍ରଶ୍ନ ପଚ୍ଚାରିବାର ଅଧିକାର ତୃଣମୂଳ ସ୍ତରରୁ ନାହିଁ। ସବୁଠି 'ଇଏସ୍ ବସ୍'ର ରାଜନୀତି। ପ୍ରତ୍ୟେକ କର୍ମୀ ପ୍ରଥମେ ଜଣେ ସାଧାରଣ ନାଗରିକ ଓ ତାପରେ କୌଣସି ରାଜନୈତିକ ଦଳର ସମର୍ଥକ। ସମାଜ ପ୍ରତି ଜଣେ ସାଧାରଣ ନାଗରିକର ଉତ୍ତରଦାୟୀତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ହୋଇ ପାରିଲେ ସବୁକଥା ସଠିକ ମାର୍ଗରେ ପରିଚ୍ଚାଳିତ ହେଇପାରିବ। ଦଳୀୟ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ଏହି ଦିଗ ପ୍ରତି ଗୁରୁତ୍ୱ ପ୍ରଦାନ କରି ସୁସ୍ଥ ସମାଜ ଗଠନ ପାଇଁ ରାଜନୈତିକ ଦଳମାନେ ସେମାନଙ୍କ କର୍ମୀଙ୍କୁ ପ୍ରୋତ୍ସାହିତ କରିବା ଉଚ୍ଚିତ। ଗୁରୁତ୍ୱହୀନ ପ୍ରସଙ୍ଗ ଉପରେ ପ୍ରଶ୍ନୋତ୍ତର ଉପରଠାଉରିଆ ନହୋଇ, ଜନସ୍ୱାର୍ଥ ସମ୍ବଳିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମର୍ଯ୍ୟାଦାପୂର୍ଣ୍ଣ ଆଲୋଚ୍ଚନା ପର୍ଯ୍ୟାଲୋଚ୍ଚନା ଅଭିନନ୍ଦନୀୟ।

*ସାଧାରଣ ସମ୍ପାଦକ*
*କେନ୍ଦ୍ର ସରକାରୀ କର୍ମଚ୍ଚାରୀ*
*ଓ ଶ୍ରମିକ ପରିସଂଘ*
*ଓଡିଶା ରାଜ୍ୟ ସମନ୍ୱୟ ସମିତି,ଭୁବନେଶ୍ୱର*
*ମୋ: ୯୪୩୭୦୨୨୬୬୯*

# ପଣସ : ଗରିବଙ୍କ ପ୍ରିୟ ଫଳ

ପ୍ରତିବର୍ଷ ୪ ଜୁଲାଇରେ ପାଳନ କରାଯାଏ 'ପଣସ ଦିବସ'। ଇଉରୋପ ଓ ଆମେରିକାରେ ପଣସକୁ ମାଂସର ବିକଳ୍ପ ଭାବେ ଗ୍ରହଣ କରାଯାଏ। ମାଂସ ପରିବେଶ ପ୍ରଦୂଷକ। ତେଣୁ ଏହାର ବିକଳ୍ପ ଭାବେ ପଣସ ଭୋଜନ ବାବଦରେ ଜନସଚେତନତା ସୃଷ୍ଟି ପାଇଁ ଏହି ଦିବସ ପାଳନ କରାଯାଉଛି। ପଣସର ଉତ୍ପତ୍ତି ଦକ୍ଷିଣ-ପୂର୍ବ ଏସିଆରେ। ଏହା ଗଛରେ ଫଳୁଥିବା ସବୁଠାରୁ ବଡ଼ଫଳ। ଓଜନରେ ପଞ୍ଚତିରିଶ କିଲୋଗ୍ରାମ ପର୍ଯ୍ୟନ୍ତ ବଢ଼ିପାରେ। ଏହା ବାଂଲାଦେଶ ଓ ଶ୍ରୀଲଙ୍କାର ଜାତୀୟ ଫଳ। ପୁଣି କେରଳ ଓ ତାମିଲନାଡୁର ପ୍ରାଦେଶିକ ଫଳ। ଏହା କୋଲେଷ୍ଟରୋଲ ମୁକ୍ତ ଏବଂ ସ୍ୱାସ୍ଥ୍ୟ ପ୍ରଦ। ପଣସ ଉତ୍ପାଦନରେ ବିଶ୍ୱରେ ଭାରତ ପ୍ରଥମ। ସର୍ବାଧିକ କେରଳରୁ ମିଳେ। ପଣସ ପ୍ରାୟତଃ ଓଡ଼ିଶାର ପାଣିପାଗକୁ ଦେଖିଲେ ଏହା ବର୍ଷା ଦିନିଆ ଫଳ କହିଲେ ଅତ୍ୟୁକ୍ତି ହେବନାହିଁ। ପଣସକୁ କେହି କେହି ଗରିବ ଲୋକଙ୍କ ମୂଲ୍ୟବାନ ଫଳ ବୋଲି କୁହନ୍ତି କାରଣ ପ୍ରାୟତଃ ଗାଁ ଗଣ୍ଡାରେ ଏହା ବାରି ବା ଜମିର ଉପର ଅଞ୍ଚଳରେ ଏହାର ଗଛ ଦେଖିବାକୁ ମିଳିଥାଏ। ଏହାର ସେପରି ଯତ୍ନ ନେବା ଗୁରୁତ୍ୱପୂର୍ଣ୍ଣ ହୋଇନଥାଏ। ପଣସ ପୂର୍ଣ୍ଣ ବା ପାଚିଲା ହେବା ପୂର୍ବରୁ ଏହାର କଠା ମଧ୍ୟ ସୁସ୍ୱାଦୁ ତରକାରୀ ଭାବେ ଓଡ଼ିଆଙ୍କ



ଗୋପୀନାଥ ଦାଶ

ଘରେ ଘରେ ବେଶ ପରିଚିତ ଖାଦ୍ୟ ତାଲିକାରେ ରହିଥାଏ। ପଣସର ବିକ୍ରୀ ମୂଲ୍ୟ ମଧ୍ୟ ସେତେ ଅଧିକ ହୋଇନଥାଏ। ତେବେ ଏହାର ଭିତରେ ଥିବା ଫୁଟର ସୁସ୍ୱାଦୁ ଭିନ୍ନ ଭିନ୍ନ ଭାବରେ ରହିଥାଏ। ପଣସ ଏକ ଗ୍ରାମୀଣ ଓ ପ୍ରାୟତଃ ଅନେକଙ୍କ ପ୍ରିୟ ଫଳ। ପଣସ ଦିବସ ଅବସରରେ ଏହି ଫଳଟିକୁ ଆଦର କରିବା ସହିତ ଏହାର ସ୍ୱାସ୍ଥ୍ୟ ଓ ସ୍ୱାଦଗୁଣବତ୍ତାକୁ ଜାଣି ଆଦର କରିବା ସହ ଏହାର ପ୍ରସାର କରାଇବା ଆମ ସମସ୍ତଙ୍କର ଦାୟିତ୍ୱ।

*କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ,*
*ଅରୁଆ କଦଳୀବଣ,*
*ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,*
*ଦୂରଭାଷ : ୮୮୯୫୨୯୬୧୬୭*

# ପେଟ ଉପରେ ନାତ

କେନ୍ଦ୍ର ସରକାର ଦେଶର ଗରିବ ଜନସାଧାରଣଙ୍କୁ ମାଗଣାରେ ମାସିକ ୫କିଲୋ ଲେଖାଏଁ ଚାଉଳ କିମ୍ବା ଗହମ ଗତ ଜାନୁୟାରୀ ମାସରୁ ଯୋଗାଇ ଦେଉଥିବାବେଳେ ଏବେ ପନିପରିବା ଦର କିଲୋ ପିଛା ୧୦୦ଟଙ୍କା ଟପିଗଲାରି, ଯାହାକି ଗରିବର ପେଟ ଉପରେ ସିଧାସଳଖ ଚଡକ ବୋଲି କୁହାଯାଇପାରିବ। ହାଣ୍ଡିଶାଳର ଉପକରଣ ଡାଲି, ଚାଉଳ, ଲୁଣଠାରୁ ଆରମ୍ଭ କରି ବିଭିନ୍ନ ଅତ୍ୟାବଶ୍ୟକୀୟ ପନପରିବାର ଅଚାନକ ଦରବୃଦ୍ଧି ଯୋଗୁଁ ଗରିବ, ମଧ୍ୟବିତ୍ତ ପରିବାରଙ୍କୁ ପେଟ ପାଇଁ ଏବେ ସଂଗ୍ରାମ କରିବାକୁ ପଡୁଛି। ଗତ ମେ' ମାସ ତୁଳନାରେ ଡାଲି, ଚାଉଳ ଠାରୁ ଆରମ୍ଭ କରି ପନିପରିବାର ଦର ଦେଢରୁ ଦୁଇଗୁଣ ବଢିଥିବା କେନ୍ଦ୍ର ଖାଉଟି ବ୍ୟାପାର ମୂଲ୍ୟ ତଦାରଖ ଡିଭିଜନ ସୂତ୍ରରୁ ମିଳିଥିବା ରିପୋର୍ଟ କହେ। ବିଶେଷ କରି ହରଡ ଡାଲିର କିଲୋ ପିଛା ମୂଲ୍ୟ ଦେଢଶହ ଟଙ୍କାକୁ ଟପିଥିଲାବାବେଳେ ଚାଉଳର କିଲୋ ପିଛା ମୂଲ୍ୟ ୪୦ଟଙ୍କା ତଳକୁ ନାହିଁ। ଟମାଟୋ, ବାଇଗଣ ପରି ପନିପରିବାର ମୂଲ୍ୟ ମାସକ ମଧ୍ୟରେ ଦୁଇରୁ ଅଢେଇଗୁଣ ବଢିଛି। ଟମାଟୋ, ବାଇଗଣ କିଲୋ ପିଛା ମୂଲ୍ୟ ୧୦୦ଟଙ୍କା ଉପରେ ରହିଛି। ଅଥଚ ସପ୍ତାହକ ପୂର୍ବରୁ ଏହାର କିଲୋ ପିଛା ଦର ୨୫ରୁ ୩୦ଟଙ୍କା ମଧ୍ୟରେ ରହିଥିଲା। ସେହିପରି ଗରିବର ଚୀର ସାଥି ଭାବେ ପରିଚିତ ଆଳୁ, ପିଆଜର ଦର ମଧ୍ୟ ବୃଦ୍ଧିରୁ ବାଦ ପଡିନାହିଁ। ଗତ ମେ' ମାସ ତୁଳନାରେ ଜୁନମାସରେ ପିଆଜର ଦର ୭.୫ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଆଳୁଦର ମଧ୍ୟ ୪.୫ ପ୍ରତିଶତ ବଢିଛି। ପନପରିବାର ଦର ଏତେ ଆକାଶ ଛୁଆଁ ହୋଇଛି ଯେ, କିଲୋ ସ୍ଥାନରେ ଅଢେଇ ଶହ କିଣିବାକୁ ଖାଉଟି ବାଧ୍ୟ ହେଉଛି। ସ୍ଥଳ ବିଶେଷରେ କିଣି ମଧ୍ୟ ପାରୁନାହିଁ। ଉଦାହରଣ ସ୍ୱରୂପ ନିରାମିଷାସୀ ପରିବାରର ମୁଖ୍ୟ ପ୍ରୋଟିନଯୁକ୍ତ ଖାଦ୍ୟ ହରଡ ଡାଲିର ଦର ଏବେ ପ୍ରତି ମାସରେ ବଢୁଛି। ଗରିବ ଲୋକଙ୍କ ଖାଦ୍ୟ ଥାଳିରୁ ଏବେ ହରଡ ଡାଲି ଏକପ୍ରକାର ଉଭାନ ହୋଇଯାଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। ହରଡ ଡିଲର ଦର ପ୍ରତି ମାସରେ ୭.୮ ପ୍ରତିଶତରେ ବୃଦ୍ଧି ପାଇ ଜୁନ ମାସ ଶେଷ ସୁଦ୍ଧା କିଲୋ ପ୍ରତି ୧୪୫ ଟଙ୍କାରେ ପହଁଚିଛି। ସରକାରୀ ସୂତରୁ ମିଳିଥିବା ତଥ୍ୟ ଅନୁଯାୟୀ ବର୍ଷକୁ ବର୍ଷ ହରଡ ଡାଲିର ମୂଲ୍ୟ ଗତ ୩୧ମାସ ମଧ୍ୟରେ ଏବେ ସର୍ବୋଚ୍ଚ ସ୍ତରରେ ପହଁଚିଛି। ଗତ ଅଢେଇ ବର୍ଷ ମଧ୍ୟରେ ହରଡ ଡାଲିର କିଲୋ ପିଛା ଦର ବର୍ଷକୁ ବର୍ଷ ୧୨୮ ବେସିକ ପଏଂଟ ବଢିଥିବା ସରକାରୀ ରିପୋର୍ଟ କହେ। ହରଡ ଡାଲିର ମୂଲ୍ୟ ନିୟନ୍ତ୍ରଣ ପାଇଁ ଗତ ମାସ ଦୁଇ ତାରିଖ ଦିନ କେନ୍ଦ୍ର ସରକାର ଏହାର ମହଜୁଦ ସୀମା ନେଇ କଟକଣା ଜାରି ରଖିଛନ୍ତି। ଯାହାକି ଦର ନିୟନ୍ତ୍ରଣ କ୍ଷେତ୍ରରେ ଏକ ସାମାନ୍ୟ ପଦକ୍ଷେପ ବୋଲି କୁହାଯାଇପାରେ। ଏହା ସତ୍ୟ ଯେ, ଆମ ଦେଶରେ କେବଳ ବାଇଗଣ ବ୍ୟତୀତ ଅନ୍ୟାନ୍ୟ ପନିପରିବାର ଆୟ ଋତୁଭିତିକ ବା ସିଜିନାଲ ଭାବେ ପରିଚିତ। ଏହାର ଠିକ୍ ସମୟରେ ଅମଳ ଓ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ପ୍ରଦାନ ସହ ସଂରକ୍ଷଣ ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅମଳ ସମୟରେ ଚାଷୀ ଉପଯୁକ୍ତ ବଜାର ଅଭାବରୁ ଅଭାବୀ ବିକ୍ରୀର ସମ୍ମୁଖୀନ ହେଉଥିବାବେଳେ ନିଜର ପ୍ରାପ୍ୟ ମଧ୍ୟ ପାଇପାରେ ନାହିଁ। ଦୁଇମାସ ତଳେ ଓଡିଶା, ମହାରାଷ୍ଟ୍ର ସମେତ କେତେକ ରାଜ୍ୟର ଟମାଟୋ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ରାସ୍ତା ଉପରେ ଢାଳି ଦେଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। କେବଳ ଟମାଟୋ ନୁହେଁ, ଅନ୍ୟାନ୍ୟ ପନିପରିବାର ଅବସ୍ଥା ମଧ୍ୟ ଅନୁରୂପ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଅଦା ଏବେ ବଜାରରେ ଅମୂଲମୂଲ୍ୟ ଦୁଇମାସ ତଳେ ଅଦା କିଲୋ ୪୦ଟଙ୍କା ଥିବାବେଳେ ଏବେ କିଲୋ ୨୦୦ଟଙ୍କା ଅତିକ୍ରମ କରିଛି। ଲଙ୍କା ପରି ଦ୍ରବ୍ୟ ମଧ୍ୟ ବଜାରରେ ଦୁଷ୍ପ୍ରାପ୍ୟ। ଲଙ୍କା କିଲୋ ୨୦ଟଙ୍କାରେ ଦୁଇମାସ ତଳେ ଥିବାବେଳେ ଏବେ ୨୦୦ଟଙ୍କା। ଜିରା ପରି ମସଲା ଏବେ ସମସ୍ତ ସୀମା ସରହଦ ଅତିକ୍ରମ କରିଛି। ଜିରା କିଲୋ ୬୦୦ଟଙ୍କା ଟପି ସାରିଲାଣି। ଆଗକୁ ଆହୁରି ମୂଲ୍ୟ ବଢିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ଜଣେ ହୋଲସେଲର ବ୍ୟବସାୟୀ ଆଶଙ୍କା ପ୍ରକାଶ କରିଛନ୍ତି। ଏହା ନିଶ୍ଚିତ ଯେ, ବର୍ଷା ଦିନ ଆସିଲେ ଆମ ଦେଶରେ ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ମୂଲ୍ୟ ବଢିଥାଏ। ଚଳିତ ବର୍ଷ ମୌସୁମୀ ଚାରିଦିନ ବିଳମ୍ବରେ ଆସିଥିବାବେଳେ ଜୁନ ମାସରେ ୨୦ପ୍ରତିଶତ ନିଅଟିଂଆ ବର୍ଷା ହୋଇଛି। ଯାହାର ପ୍ରଭାବ ସିଧାସଳଖ ଖରିଫ ଓ ପନିପରିବା ଚାଷ ଉପରେ ପଡିଛି। ଚଳିତ ବର୍ଷ ଦେଶରେ ଏଲ ନିନୋର ପ୍ରଭାବ ରହିବ। ଯାହାର ପ୍ରଭାବରେ ଦେଶରେ ଅନିୟମିତ ମୌସୁମୀ ବର୍ଷା ସାଙ୍ଗକୁ ମରୁଡି ଆଶଙ୍କାକୁ ମଧ୍ୟ ଏହାଇ ଦେଇହେଉନାହିଁ। ଯାହାର ପ୍ରଭାବ ସିଧାସଳଖ ବିଭିନ୍ନ କୃଷି ଉତ୍ପାଦିତ ଖାଦ୍ୟ ସାମଗ୍ରୀ ଉପରେ ପଡିବ ଏବଂ ମୁଦ୍ରାସ୍ଫିତୀ ବୃଦ୍ଧି ପାଇବ ବୋଲି ଅର୍ଥନୀତି ବିଶାରଦମାନେ ମତ ଦେଇଛନ୍ତି। ନିର୍ବାଚନୀ ବର୍ଷରେ ଦରଦାମ ବୃଦ୍ଧି ସରକାରଙ୍କ ପାଇଁ ଏକ ସତର୍କ ଘଂଟି, ଏଥିରେ ସନ୍ଦେହ ନାହିଁ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*
*ମୋ ନଂ-୯୪୩୭୯୯୪୩୭୯*

# ଭାରତୀୟ ସଂସ୍କୃତିରେ ଗୁରୁ ବୀଜ ଓ ଶିଷ୍ୟ ଭୂମି

କାହିଁ କେଉଁ ଅନନ୍ତ କାଳରୁ ଭାରତ ଏକ ଧର୍ମଭୂମି, ଦେବଭୂମି, ପୂର୍ଣ୍ଣଭୂମି ତଥା ପୂଣ୍ୟଭୂମି ଭାବରେ ସୁଖ୍ୟାତି ଲାଭ କରିଛି। ଏହି ଭାରତର ଧର୍ମ, ପରମ୍ପରା,ଆଧ୍ୟାତ୍ମିକ ଚେତନା ଯୁଗେ ଯୁଗେ ଭାରତର ପ୍ରାଧାନ୍ୟକୁ ଦୃଢୀଭୂତ କରି ଶତ ଶତ ଗୁଣରେ ପ୍ରସ୍ଫୁଟିତ କରିଛି। କେଉଁ ଅନାଦି କାଳରୁ ଗୁରୁ ଶିଷ୍ୟ ପରମ୍ପରା ଏକ ନଦୀର ସ୍ରୋତ ଭଳି ପ୍ରବହମାନ ହୋଇଚାଲିଛି। ଗୁରୁ ଭାବମୟ, ଅନ୍ତର୍ଯ୍ୟାମୀ ଓ ପ୍ରେମମୟ। ସ୍ୱାମୀ ବିବେକାନନ୍ଦ ଙ୍କ ଭାଷାରେ 'ଯେଉଁ ବ୍ୟକ୍ତିର ଆତ୍ମା ସାହାଯ୍ୟରେ ଅନ୍ୟ ଏକ ଆତ୍ମାରେ ଶକ୍ତି ସଂଚାର ହୁଏ ସେ ସଦ୍ ଗୁରୁ ବୋଲାନ୍ତି ଏବଂ ଯାହାର ଆତ୍ମାରେ ଏହି ଶକ୍ତି ସଂଚାରିତ ହୁଏ ତାହାକୁ ଶିଷ୍ୟ କୁହାଯାଏ। ଏବଂ ସେ ଆହୁରୀ ମଧ୍ୟ କହିଚନ୍ତି କୌଣସି ଆତ୍ମାରେ ଏପରି ଶକ୍ତି ସଂଚାର କରିବା ଲାଗି ପ୍ରଥମେ ଯେଉଁ ଆତ୍ମାରେ ଏହା ସଂଚାର ହୁଏ , ସେଥିରେ ଏହି ସଂଚାରର ଶକ୍ତି ବିଦ୍ୟମାନ ରହିବା ଆବଶ୍ୟକ ଏବଂ ଦ୍ୱିତୀୟରେ ଯେଉଁ ଆତ୍ମାରେ ଏହି ଶକ୍ତି ସଂଚାରିତ ହୁଏ ତାହା ଏହି ଶକ୍ତିକୁ ଗ୍ରହଣ କରିବା ଯୋଗ୍ୟ ହେବା ଉଚିତ'। ତେଣୁ ଗୁରୁ ଅସୀମ, ସାମର୍ଥ୍ୟବାନ ଏବଂ ଶିଷ୍ୟ ସତ୍‌ପାତ୍ର ହେବା ଦରକାର। ଗୁରୁ ସର୍ବଦା ଶିଷ୍ୟର ମାନସିକ ସ୍ତରରେ ଗୁରୁଦାୟୀତ୍ୱ ବହନ କରି ଶୀଷ୍ୟକୁ ଉନ୍ନତିର ଚରମ ସୋପାନକୁ ନେଇ ଏକ ମଙ୍ଗଳମୟ ଦିବ୍ୟ ଶାଶ୍ୱତ ଚେତନାର ମହନୀୟତାର ଲକ୍ଷହାସଲ କରାଇ ସର୍ବଦମ୍ଭମୁକ୍ତ କରାଇବା ସହ ସଫଳତାର ଶୀର୍ଷ ସ୍ଥଳୀରେ ଶିଷ୍ୟକୁ ଅବସ୍ଥାପିତ କରନ୍ତି।



ଉମାଶଙ୍କର ପ୍ରସାଦ

ଉର୍ବର ଭୂମିରେ ବୀଜର ଅଙ୍କୁରଣ ଏବଂ ବିକାଶ ହୁଏ। ବୀଜ ଯେତେ ଉନ୍ନତ କିସମର ହେଲେ ସୁଦ୍ଧା ଭୂମି ଜଦି ଅନୁର୍ବର ହୁଏ ତେବେ ବୀଜର ବିକାଶ ବିଷୟରେ କଳ୍ପନା କରିବା ନିରର୍ଥକ। ଉର୍ବର ଭୂମିଥାଇ ସୁଦ୍ଧା ଯଦି ବୀଜ ଠିକ ନଥାଏ ତେବେ ଅଙ୍କୁରଦ୍ଗମ ସମ୍ଭବ ହୁଏନାହିଁ। ତେଣୁ ସମୁଚିତ ବିକାଶ ଲାଗି ବୀଜର ଗୁଣ ଭୂମିର ଉର୍ବର ଶକ୍ତି ଉଭୟେ ଥିବା ଅନିବାର୍ଯ୍ୟ। ଏହିପରି 'ଗୁରୁ ବୀଜ ଶିଷ୍ୟ ଭୂମି'। ଗୁରୁ ଶିଷ୍ୟର ଅନ୍ତଃକରଣରେ ଅବତରଣ କରିବା ସଙ୍ଗେ ସଙ୍ଗେ ତାହାର ସଦ୍ଗୁଣ ଏବଂ ସତ୍ ପ୍ରବୃତି ବୃଦ୍ଧି ପାଇଥାଏ। ଏହାହିଁ ପ୍ରକୃତ ସମ୍ପଦ। ଶିଷ୍ୟର ମନୋଭୂମି ପରିଷ୍କୃତ ହେବା ସଙ୍ଗେ ସଙ୍ଗେ ଗୁରୁରୂପୀ ବୀଜର କୋମଳ ପତ୍ର ବାହାରି ଆସିଥାଏ।

*ଖୋର୍ଦ୍ଧା*
*ମୋ:୬୩୭୦୬ ୭୫୫୬୨*

# 'ପୋଥି ବିଶାରଦ' ପଣ୍ଡିତ ନୀଳମଣି ମିଶ୍ର

ପଣ୍ଡିତ ନୀଳମଣି ମିଶ୍ର ଏକାଧାରରେ ଜଣେ ସାରସ୍ୱତ ସ୍ରଷ୍ଟା, ଅନୁବାଦକ ଓ ପୋଥି ବିଶାରଦ ଥିଲେ। ପ୍ରାଚୀନ ତାଳପତ୍ର ପୋଥି ସଂଗ୍ରହ, ସଂରକ୍ଷଣ ଓ ପ୍ରକାଶନ ଦିଗରେ ତାଙ୍କର ଅବଦାନ ଅତୁଳନୀୟ। ଓଡ଼ିଶା ସମେତ ଭାରତର ଏକାଧିକ ସରକାରୀ ଓ ବେସରକାରୀ ସଂସ୍ଥାର ପୋଥି ପାଠ ବାବଦରେ ସଂଶୟ ଓ ଦ୍ୱନ୍ଦ୍ୱ ଦୂର କରି ବିଚକ୍ଷଣ ପୋଥି ପାଣ୍ଡିତ୍ୟର ପରିଚୟ ଦେଇଥିଲେ। ଭଦ୍ରକ ଜିଲ୍ଲାର ଚରମ୍ପାରେ ତାଙ୍କର ଜନ୍ମ। ପୁରୀ ସଂସ୍କୃତ ବିଦ୍ୟାଳୟରୁ ଆଚାର୍ଯ୍ୟ, ଘରୋଇ ଭାବେ ଇଂରେଜୀରେ ସ୍ନାତକ ଓ ହିନ୍ଦୀରେ ରତ୍ନ ଉପାଧି ଲାଭ କରିଥିଲେ। ରାଜ୍ୟ ସଂଗ୍ରହାଳୟର ପୋଥି ବିଭାଗରେ ତାଙ୍କର ବୃତ୍ତିଗତ ଜୀବନ ଆରମ୍ଭ ହୋଇଥିଲା। ପୋଥି ସଂଗ୍ରହ, ରକ୍ଷଣାବେକ୍ଷଣ, ପାଠୋଦ୍ଧାର ଦ୍ୱାରା ତାଙ୍କ ଜ୍ଞାନର ପରିସର ପରିବ୍ୟାପ୍ତ ହୋଇଥିଲା। ତାଙ୍କ ଉପରିସ୍ଥ ଅଧିକାରୀ ଥିଲେ ପ୍ରସିଦ୍ଧ ଐତିହାସିକ କେଦାରନାଥ ମହାପାତ୍ର ଓ ଅନ୍ୟତମ ବିଦ୍ୱାନ ପରମାନନ୍ଦ ଆଚାର୍ଯ୍ୟ। ଏମାନଙ୍କ ପ୍ରେରଣାରେ ନୀଳମଣି ଲେଖାଲେଖି ଆରମ୍ଭ କରିଥିଲେ। ହିନ୍ଦୀ, ବଙ୍ଗଳା, ସଂସ୍କୃତ ଓ ଇଂରେଜୀ ଭାଷାରେ ତାଙ୍କର ପଟୁତା ଥିଲା। ତାଙ୍କ ରଚିତ ପ୍ରାୟ ପାଞ୍ଚ ଶହରୁ ଅଧିକ ପ୍ରବନ୍ଧ ବିଭିନ୍ନ ପତ୍ର-ପତ୍ରିକାରେ ପ୍ରକାଶିତ। ଓଡ଼ିଆ କବି ଓ କାବ୍ୟ, ଭାରତୀୟ ତନ୍ତ୍ରଶାସ୍ତ୍ର, ପ୍ରାଚୀନ ଓଡ଼ିଆ ଲିପି,



ନାଟ୍ୟସାରଥି ଅଭୟ କୁମାର ଦାସ

ଓଡ଼ିଆ ସାହିତ୍ୟ ପୋଥି, ଓଡ଼ିଆ ରାମ ସାହିତ୍ୟ ଆଦି ତାଙ୍କର ପ୍ରସିଦ୍ଧ ପୁସ୍ତକ ମଧ୍ୟରୁ ଅନ୍ୟତମ। ଏକାଧିକ ପୁରାଣ ସହିତ ଭାଗବତର ଅଠର ହଜାର ଶ୍ଳୋକର ଶୁଦ୍ଧ ଅନୁବାଦ କରିଥିଲେ। ଅନୁବାଦ ପୁସ୍ତକ କେତେ ନଚାଇବା ଗୋପାଳ ପାଇଁ ତାଙ୍କୁ ୧୯୯୧ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ମିଳିଥିଲା। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପ୍ରକାଶିତ ଓଡ଼ିଆ ଲେଖକ ପରିଚୟ ପୁସ୍ତକ ଅନୁଯାୟୀ ୧୯୯୩ ଜୁଲାଇ ଆଜିର ଦିନରେ ପଣ୍ଡିତ ନୀଳମଣି ମିଶ୍ରଙ୍କ ପରଲୋକ ହୋଇଥିଲା।

*ଗୋତରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

# ପୂର୍ଣ୍ଣତାର ଗନ୍ତାଘର: ଗୁରୁ

ଭାରତ ବର୍ଷରେ ତଥା ସମଗ୍ର ପୃଥିବୀର ଗୁରୁପୂଜା ଚଳି ଆସିଛି କାହିଁ କେଉଁ ପୁରା କାଳରୁ । ଭାରତୀୟ ପୁରାଣ ଶାସ୍ତ୍ର, କିମ୍ବଦନ୍ତୀ ତଥା ଲୋକ କଥାରୁ ଏହାର ପ୍ରମାଣ ଯଥେଷ୍ଟ ପରିମାଣରେ ମିଳେ । ଭାରତ ବାହାରେ ମଧ୍ୟ ଏହାର ପ୍ରଚଳନ ଅଛି । ଯାପାନର ସିଣ୍ଟୋ, ଚୀନର ତାଓ କନ୍‌ଫୁସିଅସ୍, ପାରସ୍ୟର ଜେରାଥୁଷ୍ଟ୍ର, ଯୀଶୁଖ୍ରୀଷ୍ଟ ଗୁରୁ ଭାବେ ଗ୍ରହଣ କରିଥିବା ଜନ ପ୍ରଭୃତି ପୃଥିବୀର ବିଖ୍ୟାତ ଗୁରୁ ଶ୍ରେଣୀର । ସେହି ମାନଙ୍କୁ ଗୁରୁ ଆଖ୍ୟା ଦିଆଯାଏ ଯେଉଁମାନେ ଜୀବନରେ ଈଶ୍ୱରଙ୍କ ସହ ନିଜକୁ ଯୋଗଯୁକ୍ତ କରିପାରିଛନ୍ତି ଏବଂ ତା ଫଳରେ ପାଇଥିବା ଜ୍ଞାନକୁ ସମାଜ ଉପକାରରେ ବ୍ୟବହାର କରିଥାନ୍ତି । ସମାଜର ଏଭଳି ଏକ ମହାନ ଉପକାର ସାଧନ କରିଥିବା ଗୁରୁ ବ୍ୟାସଦେବଙ୍କ ଉଦ୍ଦେଶ୍ୟରେ ଗୁରୁ ପୂର୍ଣ୍ଣମୀ ପାଳିତ ହୋଇଆସୁଛି । ବ୍ୟାସଦେବ ବେଦଗୁଡ଼ିକୁ ସଂକଳିତ କରି ଭାରତୀୟ ସମାଜର ମହାନ୍ ଉପକାର କରିଯାଇଛନ୍ତି । ପରବର୍ତ୍ତୀ ସମୟରେ ଏହା ଅନେକ ଆଗ୍ରହୀ ବିଦେଶୀ ଗବେଷକ ମାନଙ୍କ ଉପକାରରେ ମଧ୍ୟ ଲାଗିଛି । ଯେଉଁମାନେ ଏହାଦ୍ୱାରା ଉପକୃତ ହେବାକୁ ଇଚ୍ଛା କରିଛନ୍ତି ବା ଉପକୃତ ହୋଇଛନ୍ତି ସେମାନେ ହିଁ ଜାଣନ୍ତି ସମାଜ ପ୍ରତି ବ୍ୟାସଦେବଙ୍କ ଅବଦାନ କେଉଁସ୍ତରର । ସାଧାରଣତଃ ଯାହା କୁହାଯାଇଥାଏ ଗୁରୁ ଅଜ୍ଞାନ ଦୂର କରି ଜ୍ଞାନ ପ୍ରଦାନ କରିଥାନ୍ତି । ସେ ଜ୍ଞାନ ବୈଦିକ ଜ୍ଞାନ । ବେଦ ଶବ୍ଦର ଅର୍ଥ ଜ୍ଞାନ । ଜ୍ଞାନପ୍ରାପ୍ତ ହୋଇ ମାନବ ଯାହାକରେ ତାହା ତାର ମାନବ ଜନ୍ମକୁ ସାର୍ଥକ କରେ । ଅଜ୍ଞାନର ସହ କରାଯାଉଥିବା କର୍ମ ଅନ୍ୟକୁ ତଥା ନିଜକୁ ପୀଡ଼ା ଦିଏ । ଯାହାର ଅନ୍ୟ ଅର୍ଥ ପାପ । ତାହାର ଫଳ ସମସ୍ତଙ୍କୁ ଜଣା । ଗୁରୁ ଅନ୍ଧକାରରୁ ଆଲୋକକୁ ନେଇଥାନ୍ତି । ଏଠାରେ ଅନ୍ଧକାର ଅର୍ଥ ଅଜ୍ଞାନ ଓ ଆଲୋକ ଅର୍ଥ ଜ୍ଞାନାଲୋକ । ଗୁରୁ ଏତେ ବଡ଼ ଉପକାର ସାଧନ କରନ୍ତି ବୋଲି ଗୁରୁଙ୍କ ପ୍ରତି କୃତଜ୍ଞ ହୋଇ କେତେକ ଶ୍ଳୋକରେ ଗୁରୁ ମହିମା ବର୍ଣ୍ଣିତ ହୋଇଛି । ସେଥିରୁ କେତୋଟି – 'ଏକମପ୍ୟକ୍ଷରଂ ଯସ୍ତୁ ଗୁରୁଃ ଶିଷ୍ୟେ ନିବେଦୟେତ୍, ପୃଥିବ୍ୟାଂ ନାସ୍ତି ତଦ୍ଦ୍ରବ୍ୟଂ ଯଦସ୍ମାଦନୃଣୀ ଭବେତ୍ ।' ଅର୍ଥ ''ଗୁରୁ ଶିଷ୍ୟକୁ ଯେଉଁ ଗୋଟିଏ ଅକ୍ଷର ଶିକ୍ଷା ଦିଅନ୍ତି ତା



ଇ.ସଚ୍ଚିଦାନନ୍ଦ ନନ୍ଦ

ବଦଳରେ ସାରା ପୃଥିବୀରେ ଏପରି କୌଣସି ପଦାର୍ଥ ନାହିଁ ଯାହା ଦେଇ ଶିଷ୍ୟ ଋଣମୁକ୍ତ ହୋଇପାରିବ ।'' 'ଯଜ୍ଞ ବ୍ରତ ତପୋଦାନଂ ଜପ ତୀର୍ଥାନୁ ସେବନଂ, ଗୁରୁ ତତ୍ତ୍ୱ ମବିଜ୍ଞାୟ ନିଷ୍ଫଳଂ ନାତ୍ର ସଂଶୟଃ ।' ଅର୍ଥାତ୍ ''ଗୁରୁ ତତ୍ତ୍ୱ ଅବଗତ ନହୋଇ ଯଜ୍ଞ, ବ୍ରତ, ତପ, ଦାନ, ଜପ ତୀର୍ଥ ପ୍ରଭୃତି ସମସ୍ତ କର୍ମ ନିଷ୍ଫଳ ପରିଗଣିତ ହୁଏ ।'' 'ଗୁରୁରିତ୍ୟକ୍ଷରଂ ଯସ୍ୟ ଜିହ୍ୱାଗ୍ରେ ଦେବିତିଷ୍ଠତ, ତସ୍ୟ କିଂ ବିଦ୍ୟତେ ମୋହ ବେଦପାଠେ ଶ୍ରମୋ ବୃଥା ।' ଅର୍ଥାତ୍ ହେ ଦେବି, ଯାହାର ଜିହ୍ୱାଗ୍ରରେ ଗୁରୁ ଅକ୍ଷର ଦ୍ୱୟ ବିଦ୍ୟମାନ ଥାଏ, ତାହା ଠାରେ କୌଣସି ପ୍ରକାର ଅଜ୍ଞାନତ ବା ମୋହ ରହି ନପାରେ । ଅନ୍ୟତ୍ର କୁହାଯାଇଛି, 'ଦେବାନା ଗୁରୁଣା ଭେଦୋଜ୍ଞାନାଦିନା କୃତଃ, ପାତୟେନ୍ନରକେ ତୀବ୍ରେ ଗୁରୁଭେଦ କରଂ ନରଂ ।' ଅର୍ଥ – ''ଯେଉଁ ବ୍ୟକ୍ତି ଅଜ୍ଞାନ ବନ୍ଧନ ଯୋଗୁଁ ଦେବତା ଓ ଗୁରୁ ମଧ୍ୟରେ ପ୍ରଭେଦ ଦେଖନ୍ତି, ସେମାନଙ୍କୁ ଭୀଷଣ ନର୍କରେ ପଡ଼ିବାକୁ ହୁଏ ।'' ଏଇଥି ପାଇଁ କୁହାଯାଇଥାଏ ଗୁରୁ ସାକ୍ଷାତ ପରମବ୍ରହ୍ମଂ । ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର । ଏହି ଶ୍ଳୋକଟିର ଅନ୍ୟଏକ ଅନ୍ତରାର୍ଥ ଅଛି । ପିତାମାତା ମଧ୍ୟ ଗୁରୁ ପଦବାଚ୍ୟ । ପିତାମାତା ସନ୍ତାନକୁ ସୃଷ୍ଟି କରନ୍ତି ବ୍ରହ୍ମା ସଦୃଶ, ପିତାମାତା ସନ୍ତାନକୁ ଲାଳନ ପାଳନ କରନ୍ତି ବିଷ୍ଣୁ ସଦୃଶ ଓ ସନ୍ତାନ ଠାରେ କୌଣସି କୌଣସି ଦୁରାଭ୍ୟାସ ବା ଦୁରାରୋଗ୍ୟ ଲକ୍ଷଣ ଦେଖିଲେ ତାହାକୁ ବିନାଶ କରିବା ପାଇଁ ମହେଶ୍ୱରଙ୍କ ଭୂମିକା ଗ୍ରହଣ କରନ୍ତି । ସେ ଦୃଷ୍ଟିରୁ ପିତାମାତା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତଥା ସାକ୍ଷାତ ପରଂବ୍ରହ୍ମ କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ପିତାମାତାଙ୍କ ତୁଳନାରେ କିନ୍ତୁ ଗୁରୁଙ୍କର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ଗୋଟିଏ ଦୃଷ୍ଟିରୁ । ଶାସ୍ତ୍ରରେ କୁହାଯାଉଛି – 'ଶରୀରଦ ପିତାଦେବୀ ଜ୍ଞାନଦୋ ଗୁରୁରେବଚ, ଗୁରୋର୍ଗୁରୁ ତରୋନାସ୍ତି ସଂସାରେ ଦୁଃଖ ସାଗରେ ।' ଅର୍ଥ – ପିତାମାତା ଆମର ଦେହଦାତା ଅଟନ୍ତି, ଗୁରୁ ଜ୍ଞାନ ଦାତା ଅଟନ୍ତି, ଏ ଦୁଃଖପୂର୍ଣ୍ଣ ସଂସାରରେ ଗୁରୁଙ୍କ ଠାରୁ ଗୁରୁତ୍ୱପୂର୍ଣ୍ଣ ଆଉକିଛି ନାହିଁ । 'ଜନ୍ମ ହେତୃ ହି ପିତରୌ ପୂଜନୀୟୌ ପ୍ରଯତ୍ନତଃ, ଗୁରୁ ବିଶେଷତଃ ପୂଜ୍ୟୋ ଧର୍ମାଧର୍ମ ପ୍ରଦର୍ଶକଃ ।' ଅର୍ଥ – ପିତା ଆମ ଜନ୍ମର ହେତୁ ହୋଇଥିବାରୁ ସର୍ବଦୌ ପୂଜନୀୟ, ଗୁରୁ ବିଶେଷ ଭାବେ ପୂଜ୍ୟ କାରଣ ସେ ଧର୍ମ ଓ ଅଧର୍ମ କ'ଣ ତାହାର ପ୍ରଦର୍ଶନ କରାଇଦେଇଥାନ୍ତି । ପରିଶେଷରେ କଥିତ ଅଛି 'ଯାବଦାୟୁ ସ୍ୱଯୋ ବନ୍ଧ୍ୟା ବେଦାନ୍ତୋ ଗୁରୁରୀଶ୍ୱରଃ, ମାନସା କର୍ମଣାବାଚା ଶ୍ରୁତେରେବୈଷ ନିଶ୍ଚୟଃ ।' ଅର୍ଥ – ''ଯେ ପର୍ଯ୍ୟନ୍ତ ଆୟୁ ବିଦ୍ୟମାନ ଥିବ ସେ ପର୍ଯ୍ୟନ୍ତ ବେଦାନ୍ତ, ଗୁରୁ ଓ ଈଶ୍ୱର ତ୍ରୟଙ୍କର ବନ୍ଦନା କାୟମନୋବାକ୍ୟରେ କରଣୀୟ ।'' ଏହା ଶ୍ରୁତିର ସିଦ୍ଧାନ୍ତ । ପ୍ରକୃତରେ ଆମେ ଜୀବନ ଯାପନ କରୁଥିବା ଏହି ସଂସାରରେ ଏଭଳି ପରିସ୍ଥିତିମାନ ଉପୁଜିବ ସେ ସମୟରେ କ'ଣ କର୍ତ୍ତବ୍ୟ ଓ କ'ଣ କରଣୀୟ ତାହା ନିର୍ଣ୍ଣୟ କରିବା ସାଧାରଣ ମଣିଷ ପକ୍ଷେ କଷ୍ଟକର ହୋଇପଡ଼େ । ଫଳରେ ମଣିଷ କିଛି ଗୋଟାଏ କରିବସେ ଯାହାର ପରିଣାମ ଦୁଃସହ ହୋଇଯାଏ । ଆଧ୍ୟାତ୍ମିକ କ୍ଷେତ୍ରରେ ତ ଅବସ୍ଥା ଆହୁରି ଜଟିଳ ହୋଇପଡ଼େ । ତେଣୁ ପ୍ରତ୍ୟେକଙ୍କ ପାଇଁ ଗୁରୁ ନିତ୍ୟାନ୍ତ ଆବଶ୍ୟକ । ସେ ବ୍ୟକ୍ତି ଆକାରରେ ହୁଅନ୍ତୁ, ଗ୍ରନ୍ଥ ଆକାରରେ ହୁଅନ୍ତୁ ବା ଅଲୌକିକ ବାଣୀ ଆକାରରେ ହୁଅନ୍ତୁ । ଭଗବାନଙ୍କ ଅବତାର ମାନେ ମଧ୍ୟ ମାନବ ଶରୀର ଧରି ଆସିବା ସମୟରେ ପାର୍ଥିବ ଗୁରୁ ଗ୍ରହଣ କରିବା କଥା ଆମ୍ଭ ମାନଙ୍କୁ ଅଜ୍ଞେ ବହୁତେ ଜଣା । ଗୁରୁ ଲାଭ କରିବା ପାଇଁ ବ୍ୟାକୁଳ ପ୍ରାର୍ଥନା ହିଁ ଗୁରୁଙ୍କୁ ଆଣି ପହଞ୍ଚାଇ ଦେଇଥାଏ । କେବଳ ଗୁରୁଙ୍କ ଆଜ୍ଞା ପାଳନ ହିଁ ମଣିଷକୁ ପୂର୍ଣ୍ଣତା ଦେଇଥାଇପାରେ ।

*ଅଲିଶା ବଜାର, କଟକ,*
*ଦୂରଭାଷ : ୯୩୩୭୨୪୨୯୫୫*

# ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ମହେଶ୍ୱର...

ଆଜି ଆଷାଢ଼ ମାସ ପୂର୍ଣ୍ଣିମା ତିଥି । ଏହି ତିଥିକୁ ଗୁରୁ ପୂର୍ଣ୍ଣିମା ରୂପେ ପାଳନ କରାଯାଏ । ହିନ୍ଦୁ ଧର୍ମରେ ଏହି ପୂର୍ଣ୍ଣିମାର ବିଶେଷ ମହତ୍ତ୍ୱ ରହିଛି, କାରଣ ଗୁରୁ ହିଁ ଭଗବାନଙ୍କର ସାକାର ମୂର୍ତ୍ତି ଓ ସେ ଅଖଣ୍ଡ। ଗୁରୁ ହିଁ ଶିଷ୍ୟଙ୍କୁ ନବଜୀବନ ପ୍ରଦାନ କରିଥାନ୍ତି । ସେମାନଙ୍କୁ ଅଜ୍ଞାନ ଓ ଅନ୍ଧକାରରୁ ମୁକ୍ତ କରାଇ ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି । ଗୁରୁ ଶବ୍ଦଟି ହିଁ ଗୁରୁଙ୍କ ମହିମା ବର୍ଣ୍ଣନା କରିଥାଏ । 'ଗୁ'ର ଅର୍ଥ ଅନ୍ଧକାର ଏବଂ 'ରୁ'ର ଅର୍ଥ ପ୍ରକାଶ ହୋଇଥାଏ । ଏଥିପାଇଁ ଗୁରୁର ଅର୍ଥ ଅନ୍ଧକାରରୁ ପ୍ରକାଶକୁ ନେଇଯିବା । ତେଣୁ ଗୁରୁ ହିଁ ଶିଷ୍ୟଙ୍କ ଜୀବନରେ ସଫଳତାର ଉଚିତ ମାର୍ଗଦର୍ଶନ କରାଇଥାନ୍ତି । ପୁରାଣ ଅନୁସାରେ ଏହି ଦିନ ଭଗବାନ ବିଷ୍ଣୁଙ୍କ ଅବତାର ଗୁରୁ ବେଦବ୍ୟାସଜୀଙ୍କ ଜନ୍ମ ହୋଇଥିଲା । ସେ ମହାଭାରତ ଆଦି ଅନେକ ମହାନ ଗ୍ରନ୍ଥ ରଚନା କରିଥିଲେ । କୌରବ, ପାଣ୍ଡବ ଆଦି ସମସ୍ତେ ବେଦବ୍ୟାସଙ୍କୁ ହିଁ ଗୁରୁ ବୋଲି ମାନନ୍ତି । ଏଥିପାଇଁ ଆଷାଢ଼ ମାସ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା କୁହାଯାଏ । ଧର୍ମ ଗ୍ରନ୍ଥ ଅନୁସାରେ ଏହି ଦିନ ଯେଉଁ ବ୍ୟକ୍ତି ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତ କରିଥାଏ ତାର ଜୀବନ ସଫଳ ହୋଇଯାଇଥାଏ । ଏହି ଦିନ ଗୁରୁଙ୍କୁ ପୂଜା କରି ତାଙ୍କୁ ସମ୍ମାନ କରିବା ପରମ୍ପରା ପ୍ରଚଳିତ ରହିଛି । ଗୁରୁ ହିଁ ଶିଷ୍ୟମାନଙ୍କ ଭବିଷ୍ୟତ ଗଢ଼ିଥାନ୍ତି ଏବଂ ସେମାନଙ୍କୁ ଜୀବନର ସବୁଠାରୁ କଠିନ ପରିସ୍ଥିତିର ମୁକାବିଲା କରିବା ପାଇଁ ବାଟ ମଧ୍ୟ ଦେଖାଇଥାନ୍ତି । ମହର୍ଷି ବେଦବ୍ୟାସ ପୁରାଣରେ ଗୁରୁ ପୂର୍ଣ୍ଣିମା ବିଷୟରେ ଲେଖିଛନ୍ତି – 'ମମ ଜନ୍ମଦିନେ ସମ୍ୟକ୍ ପୂଜନୀୟଃ ପ୍ରୟତ୍ନତଃ, ଆଷାଢ଼ ଶୁକ୍ଳ ପକ୍ଷେଷୁ ପୂର୍ଣ୍ଣିମାଂ ଗୁରୌ ତଥା, ପୂଜନୀୟୋ ବିଶେଷଣ ବସ୍ତ୍ରାଭରଣଧେନୁଭିଃ, କୃତେ ଦ୍ୱୟା ବିପ୍ର ମସ୍ୱରୂପସ୍ୟ ଦର୍ଶନମ୍' ଅର୍ଥାତ୍ – ଆଷାଢ଼ ଶୁକ୍ଳ ପୂର୍ଣ୍ଣିମା ମୋର ଜନ୍ମ ଦିବସ ଅଟେ । ଏହାକୁ ଗୁରୁ ପୂର୍ଣ୍ଣିମା କୁହାଯାଏ । ଏହି ଦିନ ପୁରା ଶ୍ରଦ୍ଧାର ସହ ଗୁରୁଙ୍କୁ ସୁନ୍ଦର ବସ୍ତ୍ର, ଆଭୂଷଣ, ଫଳ ପୁଷ୍ପ, ରତ୍ନ ଓ ସ୍ୱର୍ଣ୍ଣ ମୁଦ୍ରା ଆଦି ସମର୍ପିତ କରି ତାଙ୍କର ପୂଜା କରିବା ଉଚିତେ । ଏମିତି କରିବା ଦ୍ୱାରା ଗୁରୁଦେବଙ୍କ ମଧ୍ୟରେ ମୋର ହିଁ ସ୍ୱରୂପ ଦର୍ଶନ ହେବ । ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଗୁରୁ ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି 'ବିପାକ ପଥରେ ହାତ ଧରି ଯିଏ ଚାଲିବା କୌଶଳ ଶିଖାଇ ଦିଅନ୍ତି, ତାଙ୍କୁ ହିଁ ଜାଣିବ ଗୁରୁବୋଲି ଅଭୟ ପଥରେ ସେ ହିଁ ନିଅନ୍ତି।' ଗୁରୁଙ୍କ ପାଖରେ ସୃଷ୍ଟିସ୍ଥିତି ଓ ପ୍ରଳୟର



ନିରୂପମା ଭୂୟାଁ

ସମସ୍ତ କୌଶଳ ଓ ଜ୍ୟୋତି ସନ୍ନିବେଶ ହୋଇ ରହିଛି। ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହିଛନ୍ତି 'ଯୁଗପୁରୁଷ ଆର୍ବିଭାବେ ଦେବଶକ୍ତି ସିଦ୍ଧଶକ୍ତି, ଅତି ଦୈହିକସମାହାରେ ତାଙ୍କଠି ପୂରଣ ଅଭିବ୍ୟକ୍ତି, ଯେତେକ ତନ୍ତ୍ର ବ୍ରାହ୍ମୀ ମନ୍ତ୍ର, ସାର୍ଥକତାର ଲଭେ ଯନ୍ତ୍ର, ଯବକାଚରେ ସୂର୍ଯ୍ୟ ରଶ୍ମୀ ଯେଭଳି ସ୍ୱଭାବ ସଂହତି।' ପୁରାଣରେ ପୁଣି ବର୍ଣ୍ଣିତ ଅଛି 'ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବୋ ମହେଶ୍ୱରଃ, ଗୁରୁଃ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରୁବେ ନମଃ ।' ଅର୍ଥାତ୍ – ଗୁରୁ ହିଁ ବ୍ରହ୍ମା, ଗୁରୁ ହିଁ ବିଷ୍ଣୁ ଏବଂ ଗୁରୁ ହିଁ ଭଗବାନ ଶଙ୍କର ଅଟନ୍ତି । ଗୁରୁ ହିଁ ସାକ୍ଷାତ ପରବ୍ରହ୍ମ ଅଟନ୍ତି । ଏହି ଗୁରୁଙ୍କ ମୁଁ ସହସ୍ରବାର ପ୍ରଣାମ କରୁଛି । ଗୁରୁ ପୂର୍ଣ୍ଣିମା ଅର୍ଥାତ୍ ଗୁରୁଙ୍କ ପୂଜା ଏବଂ ଆଦର କରିବାର ଦିନ । ଏହା କୌଣସି ବ୍ୟକ୍ତିଙ୍କ ପୂଜା ନୁହେଁ । ଗୁରୁଙ୍କ ଦେହ ଭିତରେ ଯେଉଁ ପରମାତ୍ମା ରହିଛନ୍ତି ତାଙ୍କୁ ପୂଜା ସମ୍ଭାଷଣ ଓ ପ୍ରଣାମ କରିବା ହିଁ ଗୁରୁଙ୍କୁ ପୂଜା କରିବା। ଗୁରୁଙ୍କ ନିକଟରେ ଶିଷ୍ୟର ସମସ୍ତ କଷ୍ଟ ଦୂର କରିବାର କ୍ଷମତା ରହିଛି । ଏପରିକି ଜଣେ ଗୁରୁ ଚାହିଁଲେ ଶିଷ୍ୟକୁ ନିଜ ଠାରୁ ଶ୍ରେଷ୍ଠ ବ୍ୟକ୍ତିରେ ମଧ୍ୟ ପରିଣତ କରିଦେଇପାରିବେ । ବୈଦିକ ମାନ୍ୟତା ଅନୁଯାୟୀ ଗୁରୁଶକ୍ତି ସର୍ବୋଚ୍ଚ ତଥା ସମ୍ମାନନୀୟ । ଗୁରୁଙ୍କ ଅସ୍ତିତ୍ୱ କେବଳ ଭୌତିକ ଶରୀର ଭିତରେ ସୀମିତ ନଥାଏ, ବରଂ ଦିବ୍ୟ ଚେତନା ପର୍ଯ୍ୟନ୍ତ ଏହି ଶକ୍ତି ବ୍ୟାପ୍ତ ଥାଏ । ସେଥିପାଇଁ ଗୁରୁଙ୍କୁ ପରମାତ୍ମାଙ୍କ ଠାରୁ ଉଚ୍ଚ ସ୍ଥାନ ଦିଆଯାଇଛି । କୁହାଯାଇଛି – 'ଧ୍ୟାନଂମୂଳଂ ଗୁରୁମୂର୍ତ୍ତିଂ, ପୂଜାମୂଳଂ ଗୁରୁପାଦଂ, ମୋକ୍ଷଂମୂଳ ଗୁରୁକୃପା'।

*ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୯୩୭୪୭୦୯୮୦*




# ଟାଟା ପାୱାର ର ଶ୍ରମିକ ମାରଣ ନୀତି ବିରୁଦ୍ଧରେ ଭୁବନେଶ୍ୱର ମୁଖ୍ୟ ଅଫିସ୍ ଆଗରେ ଗର୍ଜିଲେ ବିଦ୍ୟୁତ୍ ଶ୍ରମିକ



ଭୁବନେଶ୍ୱର, (ପି.ଏନ) : ଓଡ଼ିଶାର ବିଦ୍ୟୁତ୍ କ୍ଷେତ୍ରରେ ସର୍ବବୃହତ ଶ୍ରମିକ ସଂଗଠନ ଭାବେ ପରିଗଣିତ ଶ୍ରମିକ ସଂଘ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ, ଆଜି ଭୁବନେଶ୍ୱର ଟାଟା ପାୱାର ମୁଖ୍ୟ ଦପ୍ତର ଆଗରେ ବିଶାଳ ଶକ୍ତି ପ୍ରଦର୍ଶନ କରିବା ସହ ଟାଟା ମୁଖ୍ୟ ଅଧିକାରୀଙ୍କୁ ଚେତାବନୀ ଦେଇଛୁ । ଓଡ଼ିଶା ମାଟି ହେଉଛି ସ୍ୱାଭିମାନୀ ମାଟି । ଓଡ଼ିଆ ମାଟିରେ ଓଡ଼ିଆ ଶ୍ରମିକଙ୍କୁ ୮ ଘଣ୍ଟାର ପାଉଣା ଦେଇ ଚବିଶି ଘଣ୍ଟିଆ କାର୍ଯ୍ୟ କରେଇବା ଚଳିବ ନାହିଁ । ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ୨୪ ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରଦାନ କରିବାକୁ ଟାଟା ପାୱାରକୁ ସୁଯୋଗ ଦେଇଥିବା ରାଜ୍ୟ ସରକାର କିଛି ଭୁଲ୍ ନିଷ୍ପତ୍ତି ନେଇଛନ୍ତି କି, ତାହା ଜଣାପଡୁନାହିଁ । ଅନ୍ୟପଟେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ୪ଟି ବିତରଣ କମ୍ପାନୀର କାର୍ଯ୍ୟକଳାପ ଉପରେ ସଠିକ୍ ନଜର ରଖିବା ପାଇଁ ପୃଥକ ପୃଥକ ଅଧିକାରୀଙ୍କୁ ଦାୟୀତ୍ୱ ପ୍ରଦାନ କରିବା ସ୍ପଷ୍ଟ ଇଙ୍ଗିତ କରୁଛି, ରାଜ୍ୟ ସରକାର ଟାଟା ପାୱାର ଉପରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଆଁ ଭିଡ଼ିଛନ୍ତି । ବିଦ୍ୟୁତ୍ ଶ୍ରମିକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଟାଟା କର୍ତ୍ତୃପକ୍ଷଙ୍କ ସହ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ବହୁଥର ଆଲୋଚନା ପରେ ବିଦ୍ୟୁତ୍ ଶ୍ରମିକଙ୍କ ଦାବି ଗୁଡ଼ିକ ଉପରେ କୌଣସି ସ୍ଥାୟୀ ସମାଧାନର ବାଟ ନ ବାହାରିପାରିବାରୁ ଟାଟା ପାୱାର ଦ୍ୱାରା ପରିଚାଳିତ ଟିପିସିଓଡିଏଲ୍ ମୁଖ୍ୟ ଦପ୍ତର ଆଗରେ ଆଜିଠାରୁ ବିଦ୍ୟୁତ୍ ଶ୍ରମିକଙ୍କ ଧାରଣା ଆରମ୍ଭ । ବର୍ତ୍ତମାନ ଟାଟା ପାୱାର ଓଡ଼ିଶା ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେବାପରଠାରୁ ଦିନକୁ ଦିନ ଉପଭୋକ୍ତାଙ୍କ ସମସ୍ୟା ବଢିବାରେ ଲାଗିଛି । ଯାହାଫଳରେ ଉପଭୋକ୍ତାଙ୍କ ରୋଷର ଶିକାର ନିରୀହ ବିଦ୍ୟୁତ୍ ଶ୍ରମିକ ସେବାରେ ଲାଗିଛନ୍ତି । ଟାଟା ପାୱାର ଦାୟିତ୍ୱ ନେବାପରେ ଆବଶ୍ୟକତାଠାରୁ ଅଧିକ ଅଧିକାରୀଙ୍କୁ ନିଯୁକ୍ତି କରି ଚାଲିଥିବା ବେଳେ ଉପଭୋକ୍ତାଙ୍କ ସେବା ପହ ।ଉଥିବା ବିଦ୍ୟୁତ୍ ଶ୍ରମିକ ଯଥା – ଲାଇନ୍‌ମ୍ୟାନ୍ ଓ ହେଲପର ନିଯୁକ୍ତି ବେଳକୁ ପଛଘୁ । ଦେଉଛନ୍ତି । ଓ.ଇ.ଆର.ସି. ରିପୋର୍ଟରେ ମନଗଢା ଭୁଲ୍ ତଥ୍ୟ ପ୍ରଦାନ କରି ପ୍ରତ୍ୟେହ ଡିଭିଜନରେ ବିଭିନ୍ନ ବି.ଏ. ମାନଙ୍କୁ ବିଦ୍ୟୁତ୍ ସରବରାହ ଓ ମରାମତି ନାଁରେ ସମସ୍ତ ଖର୍ଚ୍ଚକୁ ମନଇଚ୍ଛା ଅର୍ଥ ଅନୁମୋଦନ କରି ସରକାରୀ ଅନୁଦାନଗୁଡ଼ିକୁ ହରିଲୁଟ୍ ଚାଲିଛି । ନିରୀହ ଶ୍ରମିକମାନଙ୍କୁ ଦରମା ଓ ଅନ୍ୟାନ୍ୟ ମୂଳ ସୁବିଧାରୁ ବ ିତ କରି କାହା ସ୍ୱାର୍ଥ ହାସଲରେ ଟାଟା ପାୱାରର ଉଚ୍ଚ କର୍ତ୍ତୃପକ୍ଷ ବ୍ୟସ୍ତ ତାହା ତଦନ୍ତର ବିଷୟ । ରାଜ୍ୟ ସରକାର ପ୍ରଦାନ କରୁଥିବା ଆର.ଏ.ପି.ଡି.ଆର.ପି. ସ୍କିମ୍ ଅନ୍ତର୍ଭୁକ୍ତ ଆଇ.ଟି ଆଣ୍ଡ ବିଲିଙ୍ଗ୍ ସଫ୍ଟୱେର ଏସ୍.ସି.ଏ.ଡି.ଏ. କୁ ସମ୍ପୂର୍ଣ୍ଣ ନଷ୍ଟ କରି ପୁନର୍ବାର ନିଜସ୍ୱ ଆଇ.ଟି. ଆଣ୍ଡ ବିଲିଙ୍ଗ୍ ଏସ୍.ସି.ଏ.ଡି.ଏ. କୁ ନୂତନ କାପେକ୍ସ ସ୍କିମ୍ ନାମରେ ଖର୍ଚ୍ଚ କରି ଅତିରିକ୍ତ ବୋଝ ରାଜ୍ୟବାସୀଙ୍କ ଉପରେ ଯୋଡ଼ିବା, ସରକାରୀ ପ୍ରକ୍ରିୟା ଦ୍ୱାରା ନିୟନ୍ତ୍ରିତ ବଜାର ଦର ଠାରୁ ଚଢା ଦରରେ ବିଦ୍ୟୁଥ ସରଞ୍ଜାମକୁ କ୍ରୟ କରିବା ଭଳି ଅଭ୍ୟାସ ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା କର୍ମଚାରୀଙ୍କ ମହଲରେ ଆଲୋଚନା ବେଶ୍ ଜୋର୍ ଧରିଛି । ବିଗତ ତିନି ବର୍ଷ ଭିତରେ ୫୦୦ ରୁ ଅଧିକ ସଂଖ୍ୟକ ବିଦ୍ୟୁତ୍ ଶ୍ରମିକ ଅବସର ଗ୍ରହଣ କରିବା ପରେ ବି ଉକ୍ତ ପଦବୀଗୁଡ଼ିକୁ ପୁରଣ ନ କରିବା, ବିଦ୍ୟୁତ୍ ସରବରାହ ମରାମତି କାମ ଯାହା କ୍ଷେତ୍ର କର୍ମଚାରୀଙ୍କଦ୍ୱାରା ସମ୍ପାଦନ କରାଯାଏ ତାହା ନ କରି ଟାଟା ପାୱାର ଅନବଶ୍ୟକ ଅଫିସର ପଦ ପଦବୀ ସୃଷ୍ଟି କରି ସମ୍ପୂର୍ଣ୍ଣ ଭାବେ କ୍ଲାକ୍ଟର ଓ ବି.ଏ. ଏଜେନ୍ସି ଉପରେ ନିର୍ଭର କରିବା ଟା ହିଁ ପ୍ରକୃତ କାରଣ ଓଡ଼ିଶାରେ ବିଦ୍ୟୁତ୍ ବିଭ୍ରାଟ୍‌ର ଯାହା ସାରା ଓଡ଼ିଶାରେ ଆଲୋଚନାର ବିଷୟ ପାଲଟିଛି । ସ୍ଥାୟୀ କାର୍ଯ୍ୟରେ ଅସ୍ଥାୟୀ ଶ୍ରମିକଙ୍କୁ ନେଇ ଏକ ଶ୍ରମିକ ଅସ୍ଥିରତା ପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା,। ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ କମିଟିର ରେକୋମେଣ୍ଡେସନ୍ ଅନୁଯାୟୀ ଅଭିଜ୍ଞ କର୍ମଚାରୀଙ୍କ ବେତନକୁ ଅଭିଜ୍ଞତା ଆଧାରରେ ବୃଦ୍ଧି କରିବା ବ ିବା ପାଇଁ ଆବଶ୍ୟକୀୟ ପାରିଶ୍ରମିକ ବା ଲିଭିଙ୍ଗ୍ ୱେଜ୍ ପ୍ରଦାନ କରିବା, ଦୈନିକ ବିଭାଗର କାର୍ଯ୍ୟ ସମ୍ପାଦନ ପାଇଁ ଅତ୍ୟନ୍ତ ୧୦୦ ଟଙ୍କା ପେଟ୍ରୋଲ୍ ଭଡ଼ା ପ୍ରଦାନ ଭଳି ଦାବି ସହ ସ୍ଥାୟୀ ବିଦ୍ୟୁତ୍ ଶ୍ରମିକଙ୍କୁ ରାଜ୍ୟ ସରକାରଙ୍କ ସହ ହୋଇଥିବା ଚୁକ୍ତି ମୁତାବକ ପୂର୍ବ ପ୍ରଚଳିତ ଚାକିରୀ ସର୍ତ୍ତାବଳୀ ଅନୁଯାୟୀ କାର୍ଯ୍ୟଭାର ପ୍ରଦାନ କରିବା, ଅନ୍ୟ ସମସ୍ତ ରାଜ୍ୟ ସରକାରୀ କର୍ମଚାରୀ ସହ ସମକକ୍ଷ ସୁବିଧା ତଥା ଗୃହ ଋଣ, ଇଲେକ୍ଟ୍ରିକ୍ ଜାନ କ୍ରୟ ନିମନ୍ତେ ଋଣ ପ୍ରଦାନ ସହ କର୍ମଚାରୀଙ୍କ କ୍ୟାଡର ରିଷ୍ଟ୍ରକଚରିଂ କରିବା, ଭବିଷ୍ୟନିଧି ପାଣ୍ଠିରେ ଥିବା ସମସ୍ୟାକୁ ଦୂର କରି ପେନ୍‌ସନ୍ ସୁନିଶ୍ଚିତ କରେଇବା, ଜରୁରୀକାଳୀନ ସେବା ନାଁରେ ଦୈନିକ ୮ ଘଣ୍ଟା ପରିବର୍ତ୍ତେ ୨୪ ଘଣ୍ଟା ଖଟିବାକୁ ବାଧ କରିବା ଭଳି ଦାବି ସହ ରାଜ୍ୟ ସରକାରଙ୍କର ଶ୍ରମ ବିଭାଗ ଦ୍ୱାରା ପ୍ରଦତ୍ତ ଆଇନକୁ ଅବମାନନା କରି ମିଟର ରିଡର ଓ ସ୍ନାତକ ସହ କମ୍ପ୍ୟୁଟର ଜ୍ଞାନ ଥିବା କର୍ମଚାରୀଙ୍କୁ ସ୍କିଲ୍ଡ୍ ବର୍ଗର ଦରମା ପ୍ରଦାନରେ ଟାଳଟୁଳ ନୀତି ଆପଣେଇବା ସହ, ଟାଟା ପାୱାର ଅଧିକାରୀଙ୍କ ଅନ୍‌ଫେୟାର ଲେବର ପ୍ରାକ୍ଟିସ୍ କାର୍ଯ୍ୟ ଯଥା – ରେଗୁଲାର ଓ ବି.ଏ. ବା ଠିକା କର୍ମଚାରୀଙ୍କ ଭିତରେ ଭ୍ରମାତ୍ମକ ଫାଠ ସୃଷ୍ଟି କରି କର୍ମ କ୍ଷେତ୍ରରେ ଭାଇଚାରାକୁ ନଷ୍ଟ କରିବା ଭଳି ଘୃଣ୍ୟ କାର୍ଯ୍ୟକୁ ବିରୋଧ କରି ଅଣ ଓଡ଼ିଆ ଅଧିକାରୀ ଯିଏ ବା ଓଡ଼ିଆ କହିପାରୁଛନ୍ତି ବା ଓଡ଼ିଆ ବୁଝିପାରୁଛନ୍ତି, ସେପରି ଅପାରଗ ଅଣଓଡ଼ିଆ ଅଧିକାରୀ କିପରି ଜଣେ ଓଡ଼ିଆ ଶ୍ରମିକର ଦୁଃଖକୁ ବୁଝିପାରିବ । ତେଣୁ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ତରଫରୁ ଓଡ଼ିଶା ରାଜ୍ୟ ସରକାର ତଥା ଓଡ଼ିଶାର ସମସ୍ତ ଉପଭୋକ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିଦ୍ୟୁତ ଶ୍ରମିକଙ୍କ ଦୁଃଖ ବୁଝିବା ପାଇଁ ନିବେଦନ କରିବା ସହ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଏକ ସ୍ଥାୟୀ ସମାଧାନ ପାଇଁ ନିବେଦନ କରିଛନ୍ତି ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତ୍ତମାନର ବିକଶିତ ବଜାରଗୁଡ଼ିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତ୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି । ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋରଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# ପନିପରିବାର ଅହେତୁକ ଦର ପ୍ରତିବାଦରେ ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର ,(ପି.ଏନ): ରାଜ୍ୟରେ ପନିପରିବା ଓ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ଚରମସୀମାରେ ପହଂଚିଛି ।। ବର୍ତ୍ତମାନ ପରିସ୍ଥିତିରେ ଜନସାଧାରଣ ଅତିଷ୍ଠ ହୋଇପଡ଼ିଲାଣି । ଏହି ଦର ବୃଦ୍ଧି ନିୟନ୍ତ୍ରଣ କରିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛି । ଏହି ପ୍ରତିବାଦରେ ଆଜି ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ମାଷ୍ଟରକ୍ୟାଂଟିନ ଛକ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏକ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଂଟିନ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିରୋଧିରେ ନାରାବାଜି କରିଥିଲେ ଏବଂ ଟମାଟୋ କିଲୋ ୬୦ ଟଙ୍କାରେ ବିକ୍ରି କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଣତି ମିଶ୍ର, ବାସନ୍ତି ସାମଲ, ଜାନକୀ ମଲ୍ଲିକ, କୁସୁମ ପ୍ରଧାନ, ଚୈତାଳି ପଟ୍ଟନାୟକ, ନିରୁପମା ଦାସ, ନିରୁପମା ପାତ୍ର, ମଧୁସ୍ମିତା ଆଚାର୍ଯ୍ୟ, ସୁଭଦ୍ରା ମିଶ୍ର, ପ୍ରଭା ପଟ୍ଟନାୟକ, ଦୀପ୍ତିରାଣୀ ପ୍ରଧାନ, ଶ୍ରୀୟା ମହାନ୍ତି, ଗିତାଳୀ ଦାସ, ବନଜା ପାତ୍ର, ଆରତି ଦେଓ, ରଶ୍ମିତା ସାହୁ ଓ ଜୟଶ୍ରୀ ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।



# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତ୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତ୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ ।ୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ଋଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲାପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଢକ୍ତଙ୍କକ୍ଷ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତ୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହ ିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କନ୍ତିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମ୍ପୋରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢେଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢେଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପକ୍ଷ ବୁଝାମଣାରେ ନିଷ୍ପତି ନିଆଯିବ ।




# ଗୋବିନ୍ଦପୁର ମହର୍ଷି ବେଦ ବିଜ୍ଞାନ ବିଦ୍ୟାପୀଠରେ ଗୁରୁପୂର୍ଣ୍ଣିମା ମହୋତ୍ସବ ପାଳିତ

ଢେଙ୍କାନାଳ, (ପି.ଏନ) : ଅଦ୍ୟ ସୋମବାର ଦିନ ଗୋବିନ୍ଦପୁରସ୍ଥିତ ମହର୍ଷି ବେଦ ବିଜ୍ଞାନ ବିଦ୍ୟାପୀଠ ପରିସରରେ ଗୁରୁପୂର୍ଣ୍ଣିମା ମହୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଅଛି । ପ୍ରାତଃ ସମୟରୁ ସମସ୍ତ ବିଦ୍ୟାର୍ଥୀମାନେ ପ୍ରାତଃ ସଂଧ୍ୟା ଯୋଗାସନ, ପ୍ରାଣାୟମ ଓ ଭାବାତୀତ ଧ୍ୟାନ ସିଦ୍ଧି ଇତ୍ୟାଦି ଦିନଚର୍ଯ୍ୟା କରିଥିଲେ । ଛାତ୍ରମାନେ ମଧ୍ୟ ବିଶେଷ ରଦ୍ରାଭିଷେକ ଆୟୋଜନ କରିଥିଲେ । ଦିନ ୧୦ ଘଟିକାରେ ଗୁରୁ ପୂର୍ଣ୍ଣିମା ମହୋତ୍ସବ କାର୍ଯ୍ୟକ୍ରମ ବୈଦିକ ଗୁରୁ ପୂଜନରୁ ଆରମ୍ଭ କରାଯାଇଥିଲା । ବିଦ୍ୟାପୀଠ ପ୍ରଭାରୀ ବ୍ରଜ ସୁନ୍ଦର ନାୟକ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଆଧୁନିକ ଯୁଗରେ ଗୁରୁ ଶିଷ୍ୟ ପରମ୍ପରା ଓ ଗୁରୁ ପୂର୍ଣ୍ଣିମା ପ୍ରସଙ୍ଗରେ ବକ୍ତବ୍ୟ ଦେଇଥିଲେ । ସେ ପ୍ରଥମେ କବୀର ଦାସଙ୍କ ଏକ ଦୋହାରୁ ଭାଷଣ ଆରମ୍ଭ କରି କହିଥିଲେ, ନ୍ତସବ୍ ଧରତୀ କାଗଜ କରୁଁ, ଲିଖନି ବନ ସବରାୟ । ସାତ ସମୁଦ୍ର କି ମସି କରୁଁ, ଗୁରୁ ଗୁଣ ଲିଖନା ଯାୟ ।' ଅର୍ଥାତ୍ ଯଦି ପୁରା ଧରିତ୍ରୀକୁ କାଗଜ କରିଦିଆଯାଏ, ସମସ୍ତ ବଣାରଣ୍ୟକୁ କଲମ କରିଦିଆଯାଏ ବେଂ ସାତ ସମୁଦ୍ର ଜଳରାଶି ସ୍ୟାହି କଲେ ମଧ୍ୟ ଗୁରୁ ଗୁଣ ବର୍ଣ୍ଣନା କରି ହେବନାହିଁ । ପ୍ରଭାରୀ ଶ୍ରୀ ନାୟକ ସଂସ୍ଥାର ସଂସ୍ଥାପକ ପରମ ପୂଜ୍ୟ ମହର୍ଷି ମହେଶ ଯୋଗୀ ଏବଂ ଅନନ୍ତ ବିଭୂଷିତ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କୁ




ଗୁରୁ ପ୍ରଣାମ କରି ଆଧୁନିକ ଯୁଗରେ ଗୁରୁ ଶିଷ୍ୟ ପରମ୍ପରା, ତା'ର ପ୍ରାସଙ୍ଗିକତା ଏବଂ ଆବଶ୍ୟକତା ଉପରେ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଗୁରୁ ଯେ ଆମକୁ ଅଜ୍ଞାନ ରୂପକ ଅନ୍ଧକାରରୁ ଦିବା ଆଲୋକ ଆଡକୁ ବାଟ କଢାଇ ନିଅନ୍ତି, ସର୍ବଦା ଶିଷ୍ୟମାନଙ୍କ ହିତ କଲ୍ୟାଣ ନିମନ୍ତେ ଜ୍ଞାନ ଓ ପ୍ରେମ ସମାଜକୁ ଭଲ ପାଇବା, ବ୍ୟକ୍ତିଗତ ତଥା ସାମାଜିକ ସ୍ତରରେ ନିଜ ଛାତ୍ରମାନଙ୍କୁ ଅଗ୍ରଣି ହେବାର ପଥ ସୁଗମ କରାଇଥାନ୍ତି । ଆଜି ଦିନର ମହତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, ଆଜି ହେଉଛି ସର୍ବମାନ୍ୟ ମହାନ୍ ଗୁରୁ ମହର୍ଷି ବେଦବ୍ୟାସଙ୍କ ଜନ୍ମଦିନ ତଥା ଭଗବାନ ଶିବ ଯେ, କି ଋଷିମାନଙ୍କର ଗୁରୁ । ଆଜିର ଦିନ ଆଷାଢ ପୂର୍ଣ୍ଣିମାରେ ସପ୍ତଋଷିମାନଙ୍କୁ ଜ୍ଞାନ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ବିଶିଷ୍ଟ ସମାଜସେବୀ ସୟ କୁମାର ବେହେରା ଛାତ୍ରମାନଙ୍କୁ ଉତମ ସମାଜ ଗଠନ ଓ ଭବିଷ୍ୟତରେ ଜଣେ ସୁନାଗରିକ ହୋଇ ସମାଜ ସେବା କରିବା ଉପରେ ପିଲାମାନଙ୍କୁ ପ୍ରବର୍ତାଇ ଥିଲେ । ଗୁରୁମାନେ ଯେ ସର୍ବକାଳୀନ ସମାଜ ସୁଧାରକ ତାହା ସେ ପିଲାମାନଙ୍କୁ ବିଭିନ୍ନ ଉପାଖ୍ୟାନ ମାଧ୍ୟମରେ ପିଲାମାନଙ୍କୁ ବୁଝାଇ ଥିଲେ । ଗୁରୁ ସର୍ବଦା ପୂଜ୍ୟ, ନମସ୍ୟ ଓ ପଥ ପ୍ରଦର୍ଶକ ହୋଇଥାନ୍ତି । ଏହା ଉପରେ ପିଲାମାନଙ୍କୁ ହୃଦୟରେ ଗଭୀର ରେଖାପାତ କରିଥିଲେ । ବିଦ୍ୟାପୀଠ ମୁଖ୍ୟାଚାର୍ଯ୍ୟ ମାନସ ରନ ପାଣିଗ୍ରାହୀ ବୌଦ୍ଧିକ ଶ୍ଳୋକ ମାଧ୍ୟମରେ ଛାତ୍ରମାନଙ୍କୁ ଗୁରୁଙ୍କ ମହତ୍ୱ ବିଷୟରେ ଆଲୋକପାତ କରିଥିଲେ । ଛାତ୍ରମାନଙ୍କୁ ଏକଲବ୍ୟ, ଆରୁଣୀ ଓ ଉପମନ୍ୟୁ ଉଦାହରଣ ପ୍ରସ୍ତୁତ କରାଇ ଗୁରୁଭକ୍ତି ପ୍ରତି ଛାତ୍ରମାନଙ୍କୁ ପ୍ରବର୍ତାଇ ଥିଲେ । ଉପସ୍ଥିତ ଅତିଥି ଓ ଛାତ୍ରମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟରେ ପ୍ରସାଦ ବିତରଣ କରାଯାଇ କାର୍ଯ୍ୟକ୍ରମକୁ ସମାପ୍ତ କରାଯାଇଥିଲା ।

## ବିଜେଡି ସାଂଗଠନିକ ସମ୍ପାଦକଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର, (ପି.ଏନ): ବିଜୁ ଜନତା ଦଳର ରାଜ୍ୟ ସଂଗଠନ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ସମ୍ବଲପୁର ଜ଼ିଲ୍ଲା ପର୍ଯ୍ୟବେକ୍ଷକ ମନୋନୀତ ହେବା ପରେ ଆଜି ସମ୍ବଲପୁର ନିର୍ବାଚନ ମଣ୍ଡଳୀରେ ପହଂଚିଛନ୍ତି । ଧନୁପାଲି ଛକରେ ବିଜୁ ଯୁବ ଜନତା ଦଳର ଦଳୀୟ ନେତୃ ମଣ୍ଡଳୀ ରାଜ୍ୟ ସଂଗଠନ ସମ୍ପାଦକ ଶ୍ରୀ ଦାସଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ ଓ ବିଜୁ ଯୁବ ଜନତା ଦଳ ଜ଼ିଲ୍ଲା ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ରାଜ୍ୟ ଯୁଗ୍ମ ସମ୍ପାଦକ ମନୋଜ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଯୁବ, ଛାତ୍ର, ମହିଳାଙ୍କ ଉପସ୍ଥିତିରେ ଶ୍ରୀ ଦାସଙ୍କୁ ପୁଷ୍ପଗୁଚ୍ଛ ସହ ଉତରୀୟ ପ୍ରଦାନ ପୂର୍ବକ ଏକ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ଧନୁପାଲି ଛକଠାରୁ ଜେଲ୍ ଛକ, ନେଲସନ୍ ମଣ୍ଡେଲା ଛକ ଦେଇ ସମଲେଶ୍ୱରୀ ମନ୍ଦିରକୁ ପାଛୋଟି ନେଇଥିଲେ ଓ ଶ୍ରୀ ଦାସଙ୍କ ସହିତ ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂ, ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ, ଜ଼ିଲ୍ଲା ବିଜେଡି ସଭାପତି ଇଂ.ସିଦ୍ଧାର୍ଥ ଦାସ, ଜ଼ିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ ପ୍ରମୁଖଙ୍କୁ ସ୍ୱାଗତ କରାଯାଇଥିଲା । ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ତରଫରୁ ଡ଼ ରାଶେଶ୍ୱରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ କର୍ମୀମାନେ ସମ୍ବଲପୁରର ନୂତନ ପର୍ଯ୍ୟବେକ୍ଷକ ଶ୍ରୀ ଦାସଙ୍କୁ ସମଲେଶ୍ୱରୀ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ ।

# ଝାରସୁଗୁଡ଼ାରେ ଥିବା ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆଲୋଚନା ବୈଠକ

ଝାରସୁଗୁଡ଼ା, (ପି.ଏନ): ଝାରସୁଗୁଡା, ବ୍ରଜରାଜନଗର ଓ ବେଲପାହାଡ଼ ରେଳଷ୍ଟେସନର ଉନ୍ନତି, ଆଧୁନିକୀକରଣ ସହ ସୌନ୍ଦର୍ଯ୍ୟକରଣ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରେଳ ପ୍ରକଳ୍ପ ଅନ୍ତର୍ଗତ କାର୍ଯ୍ୟ ତ୍ୱରାନ୍ୱିତ ପୂର୍ବକ ଶୀଘ୍ର ସମ୍ପନ୍ନ ପାଇଁ ଆଲୋଚନା କରାଯାଇଛି । ବରଗଡ଼ ସାଂସଦ ସୁରେଶ ପୂଜାରୀ, ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି , ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ, ଜିଲ୍ଲାପାଳ ଆବୋଲି ସୁନୀଲ ନରଓ୍ୱଣେ, ବିଳାସପୁର ଡିଆରଏମ,ଚକ୍ରଧର ଡିଆରଏମ୍ ଙ୍କ ସମେତ ଜିଲ୍ଲା ସ୍ତରୀୟ ଓ ରେଳ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାରେ ରେଳ ଷ୍ଟେସନ ଗୁଡ଼ିକର ଆଧୁନିକୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା, ଫୁଟ ଓଭର ବ୍ରିଜ,ଏସ୍କାଲେଟର ,ଲିଫ୍ଟ, ଆବଶ୍ୟକ ସ୍ଥଳେ ଓଭର ବ୍ରିଜ, ଅଣ୍ଡର ବ୍ରିଜ ଆଦି କାର୍ଯ୍ୟ ଶୀଘ୍ର ସାରିବା ସହ ରେଳ ଷ୍ଟେସନକୁ ସଂଯୋଗ କରୁଥିବା ରାସ୍ତା ଓ ଟ୍ରାଫିକ ନିୟନ୍ତ୍ରଣ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ଆଧୁନିକ ଝାରସୁଗୁଡ଼ା ଜିଲ୍ଲା ଗଠନରେ ରେଳ ବିଭାଗର ଭୂମିକା କିପରି ଫଳପ୍ରଦ ରୂପ ନେବ ସେ ଦିଗରେ ସାଂସଦ ଶ୍ରୀ ପୂଜାରୀ ଉଭୟ ଡିଆରଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମ୍ପୃକ୍ତ ଅଧିକାରୀମାନେ ତ୍ୱରିତ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଧାୟିକା ସୁଶ୍ରୀ ଦୀପାଳି ଦାସ ରେଳ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବା ଉପରେ ଗୁରୁତ୍ୱାରୋପ ପୂର୍ବକ ଚୌକିପଡ଼ା ଓଭର ବ୍ରିଜ , ବସଷ୍ଟାଣ୍ଡରେ ଥିବା ଦୋକାନୀମାନଙ୍କ ଥଇଥାନ ଉପରେ ଉଲ୍ଲେଖ କରିଥିଲେ । ରେଳ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ବାବଦକୁ ଜମି ରେକର୍ଡ ସଂଶୋଧନ ଓ ମ୍ୟୁଟେସନ ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ବେଲ ପାହାଡ଼ , ବ୍ରଜରାଜନଗର ପୌରାଂଚଳର ନାଗରିକମାନଙ୍କ ପକ୍ଷରୁ ଉଭୟ ରେଳ ଷ୍ଟେସନରେ ପୂର୍ବ ପରି କିଛି ଏକ୍ସପ୍ରେସ ଟ୍ରେନ ରହଣି ନେଇ ସାଂସଦ , ବିଧାୟିକା ଓ ଜିଲ୍ଲାପାଳଙ୍କ ମାଧ୍ୟମରେ ରେଳ ବିଭାଗ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ, ପ୍ରବନ୍ଧକ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ , ରାସ୍ତା ଓ ଗୃହ ଅଧିକ୍ଷଣ ଯନ୍ତ୍ରୀ, ତହସିଲଦାର ବସନ୍ତ ହାତୀ, ନିର୍ବାହୀ ଅଧିକାରୀ ମନୋଜ ତାଣ୍ଡି, ଚନ୍ଦ୍ରମଣି ସ୍ୱାଇଁ , ବିକାଶ ଭୋଇ ଓ ରେଳ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରକୃତିକୁ ଅନୁଭବ କଲେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ

ବଲାଙ୍ଗୀର, (ପି.ଏନ): କିଏ କହିପାରୁ ନାହାନ୍ତି, କିଏ ଶୁଣି ପାରୁ ନାହିଁ । ଏମିତିକି କାହା ଆଖିକୁ ଏ ଜନ୍ମରେ ଦେଖିବା ପାଇଁ ଭାଗ୍ୟ ନାହିଁ, କିନ୍ତୁ ସମସ୍ତେ ନିଃଶ୍ୱାସ ନେଉଛନ୍ତି । ଜୀବନଟା ବଂଚିଛି । ସମସ୍ତେ ଅନୁଭବ କରିପାରୁଛନ୍ତି ଯେ ଜୀବ ଜଗତ ରେ କୌଣସି ଏକ ଅଦୃଶ୍ୟ ଶକ୍ତି ରହିଛି । ଏହା ହେଉଛି ପ୍ରକୃତିର ଅନୁଭବ । ସ୍ଥାନୀୟ ଶାସ୍ତ୍ରୀନଗର ସ୍ଥିତ "ଆଶ୍ରା" ଠାରେ ବନ ମହୋତ୍ସବ ଉପଲକ୍ଷେ ବିଭିନ୍ନ କ୍ରୀଡା ଅନୁଷ୍ଠାନର ଛାତ୍ର ଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଅଗ୍ରଣୀ ସାମାଜିକ ଅନୁଷ୍ଠାନ "ମାହେଶ୍ୱରୀ" ପକ୍ଷରୁ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ପରିବେଶ, ପ୍ରକୃତ ତଥା ବୃକ୍ଷରୋପଣ ର ମହତ୍ ଉଦ୍ଦେଶ୍ୟ ଉପରେ କ୍ରୀଡା ମାଧ୍ୟମରେ ସଚେତନ କରାଯାଇଥିଲା । କ୍ରୀଡା ମଧ୍ୟରେ ମ୍ୟୁଜିକ ଚେୟାର, ପ୍ଲାଗ୍ ?କାର୍ଡ ଚିହ୍ନଟ, ବଲ ଖେଳ, ନୃତ୍ୟ ପ୍ରଭୃତି ପ୍ରଦର୍ଶନ କରିଥିଲେ । ଛାତ୍ର ଛାତ୍ରୀମାନେ ଦିବ୍ୟାଙ୍ଗ ହେଲେ ମଧ୍ୟ ସେମାନଙ୍କ ଠାରେ ଅନୁଭବ କରିବାର ଶକ୍ତି, ସାମର୍ଥ୍ୟ ରହିଛି । କ୍ରୀଡା ମାଧ୍ୟମରେ ଏହି ଛାତ୍ର ଛାତ୍ରୀମାନଙ୍କୁ ବିଭିନ୍ନ ଶିକ୍ଷା ଦିଆଯାଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା । ମାହେଶ୍ୱରୀ ମହିଳା ଶାଖାର ସହ ସଂଯୋଜିକା କ୍ରିତିକା ଅଗ୍ରୱାଲଙ୍କ ତତ୍ୱାବଧାନରେ ବବିତା ନାଗ,ଜିଲ୍ଲା ସଂଯୋଜକ ସୌମ୍ୟ ରଞ୍ଜନ ପଣ୍ଡା, ସୌମ୍ୟ ରଞ୍ଜନ ବେହେରା, ଶିବ ପ୍ରସାଦ ମିଶ୍ର ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରି ସହଯୋଗ କରିଥିଲେ ।

# କଇଥଖୋଲା ଅନ୍ଧ ପରିବାରକୁ ସହାୟ ୭୦ ବର୍ଷର ବୃଦ୍ଧା, ପ୍ରଶାସନ ଭୁଲିଗଲା ସହାୟତା, ବର୍ଷା ଦିନରେ ଅନ୍ଧ ପରିବାର ମୁଣ୍ଡ ଗୁଞ୍ଜିବାକୁ ରାହା ଦେବ କିଏ !

ଭଦ୍ରକ, (ପି.ଏନ): ଧାମରା ଅଂଚଳରେ ଗୋଟିଏ ପରିବାରର ମୁରବୀ ଯୁବା ବୟସରେ ଅନ୍ଧ ହୋଇଯିବା ବେଳେ ନିଜର ଜନ୍ମ କଲା ୨ପୁଅ ଙ୍କ ମଧ୍ୟରୁ ଗୋଟିଏ ପୁଅ ବାପ କୁ ଦୁରେଇ ଦେଇଥିଲେ ।ସାନପୁଅ ବିବାହିତ ହୋଇ ନିଜର ପିଲା ଛୁଆଙ୍କ ସହ ଅନ୍ଧ ବାପକୁ ଚଳାଇ ଆସୁଥିଲା । ଦଇବ ସହିଲା ନାହିଁ ଘରକୁ ପ୍ରତିପୋଷଣ କରି ଆସୁଥିବା ସେହି ପୁଅ ମଧ୍ୟ ନିଜର ଦୁଇ ଆଖି ହରାଇ ଦେଲା । ପରେ ସେହି ପୁଅର ସ୍ତ୍ରୀ ମଧ୍ୟ ନିଜର ଦୁଇ ନବ ଜାତକଙ୍କୁ ଛାଡି ନିଜର ବାପ ଘରକୁ ପଳାଇ ଯିବା ପରେ ଦୀର୍ଘ ୧୦ ବର୍ଷ ହେବ ଘରର ମୁରବୀ ତଥା ଜାମସେଦ ଅଲ୍ଲୀ ସାହାଙ୍କ ସ୍ତ୍ରୀ ସବିନା ବିବି(୬୫) ପୁନଶ୍ଚ ରାସ୍ତା କୁ ଓହ୍ଲାଇ ଭିକ୍ଷା କରିବା ଏବଂ ପର ଘର ପାଇଟି କରି ନିଜର ପରିବାର ପ୍ରତିପୋଷଣ କରି ଚାଲିଛନ୍ତି । ଘର ମଧ୍ୟରେ ଅନ୍ଧ ସ୍ୱାମୀ ,ଅନ୍ଧ ଯୁବାପୁଅ ଏବଂ ୨ଟି ନାତି ନାତୁଣୀ କୁ ସେହି ଏକା ଭରଷା ସବିନା ବିବି । ଗୋଟିଏ ଓଳି ଚୁଲି ଜଳିଲେ ଆଉ ୨ଓଳି ସଂପୂର୍ଣ ପରିବାର ଉପାସ ରହିବାକୁ ପଡୁଥିବା ବେଳେ ଆଜି ଭଳି ଦିନରେ ଜିଲ୍ଲା ପ୍ରଶାସନ କେବଳ ସେହି ଘରର ମୁରବୀ ଜାମସେଦ ଅଲ୍ଲୀକୁ ୭ଶହ ଟଙ୍କା ଭତା, ଅନ୍ଧ ପୁଅ ିରୋଜ ଅଲ୍ଲି ସାହାକୁ ୫ଶହ ଟଙ୍କା ଏବଂ ଘରକୁ ଭିକ ମାଗି ଏବଂ ପର ଘରେ ପାଇଟି କରି ଚଳାଉଥିବା ସବିନା ବିବିକୁ ୫ଶହ ଟଙ୍କା ଭତା ମିଳୁଛି । ୫ପ୍ରାଣୀ କୁଟୁମ୍ବ କୁ ମାସକୁ ୧୭ଶହ ଟଙ୍କା ରେ ଚଳିବା କଷ୍ଟକର ବ୍ୟାପାର ହେଉଥିବା ବେଳେ ପ୍ରତିଦିନ ସବିନା ବିବି ଏହି ବୟସରଙ୍କ ଭିକ ମାଗିବା ସହ ପର ଘରେ ପାଇଟି କରି ଘର ଚଳାଇ ଘରର ସମସ୍ତ ଙ୍କୁ ୩ଓଳି ଖାଇବା ଦେବା ଇଙ୍ଗ ଦୁରୁହ ବ୍ୟାପାର ହୋଇ ପଡିଛି । ଅନ୍ୟ ପକ୍ଷରେ ଆଜି ପର୍ଯ୍ୟନ୍ତ ଏହି ବାପ ପୁଅ ୨ଜଣକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କିପରି ଆଖି ଦେଖାଇ ସୁସ୍ଥ ହେବେ ସେଥିପ୍ରତି ମଧ୍ୟ ପ୍ରଶାସନକୁ ଅବଗତ କରାଇ ମଧ୍ୟ ଫଳ ଶୂନ । ବର୍ଷା ହେଲେ ୫ପ୍ରାଣୀ ରହୁଥିବା ଘରରେ ଦିନରେ ଖରା ଆଉ ରାତିରେ ତାରା ଦେଖିବା ଭଳି ପରିସ୍ଥିତି ହୋଇଥିଲେ ମଧ୍ୟ ଆଜି ଭଳି ଦିନରେ କଇଥଖୋଲା ପଂଚାୟତ ସେଥିପ୍ରତି ସଜାଗ ମଧ୍ୟ ହୋଇ ନାହିଁ ଫଳରେ ମୁଖ୍ୟମନ୍ତ୍ରୀ ଆଓାସ ହେଉ ଅଥବା ପ୍ରଧାନମନ୍ତ୍ରୀ ଆଓାସ ଖଣ୍ଡିଏ ମିଳି ପାରି ନାହିଁ । ନିଜର ଜୀବନ ପ୍ରତିବୈରାଗ୍ୟ ଆସିଯାଇଥିବା ବେଳେ ବାପା ପୁଅ ଏବଂ ୨ ଜଣ ନାବାଳକ ,ନାବାଳିକାଙ୍କୁ କିପରି ୬୫ବର୍ଷର ବୃଦ୍ଧା ସବୁଦିନ ସେମାନଙ୍କ ମୁହଁରେ ଟିକିଏ ଆହାର ଦେବ ତାହା ମଧ୍ୟ ପ୍ରଶ୍ନବାଚୀ ହୋଇ ପଡିଛି ।

# ପରିବାର ପ୍ରତିପୋଷଣ ପାଇଁ ବାଲିଗୁଡ଼ାରୁ ମୁମ୍ବାଇ ଯାଇ,ଘରକୁ ଫେରିଲେ ପଙ୍ଗୁ ହୋଇ

କନ୍ଧମାଳ,(ପି.ଏନ): ପରିବାର ପ୍ରତିପୋଷଣ ପାଇଁ ମୁମ୍ବାଇ ଗସ୍ତ, କିଛି ଦିନ ପରେ ପଙ୍ଗୁ ହୋଇ ଯୁବକ ଫେରିଲେ ଘରକୁ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅଞ୍ଚଳରେ । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଏନ୍‌ଏସି ଅନ୍ତର୍ଗତ ଦୁଇ ନମ୍ବର ୱାର୍ଡର ଡହଳପଡ଼ି ସାହିର ଅଙ୍ଗଦ ମଲିକ(୨୨) ନାମକ ଜଣେ ଯୁବକ ଭଗାମୁଣ୍ଡା ସାହିର ତାଙ୍କ ସାଙ୍ଗ ରବି ସାହାଣି ସହ କାମଧନ୍ଦା କରିବା ପାଇଁ ଗତ ଏପ୍ରିଲ୍ ମାସ ୨୭ତାରିଖରେ ଘରେ କାହାକୁ କିଛି ନକହି ବାଲିଗୁଡ଼ାରୁ ମୁମ୍ବାଇ ଅଭିମୁଖେ ବାହାରି ଯାଇଥିଲେ । ଏହାପରେ ଅଙ୍ଗଦ ମଳିକର ଘରଲୋକେ ଅଙ୍ଗଦକୁ ଖୋଜାଖୋଜି କରି ନପାଇବାରୁ ଗତ ମଇ ମାସ ୪ ତାରିଖରେ ବାଲିଗୁଡ଼ା ଥାନାରେ ଅଙ୍ଗଦ ଯାଇଥିବା ନେଇ ଏକ ଲିଖିତ ଅଭିଯୋଗ କରିଥିଲେ ଏବଂ ସେଥିରେ ଗତ ଏପ୍ରିଲ୍ ୨୭ ତାରିଖ ସନ୍ଧ୍ୟା ୭ଟା ସମୟରେ ଅଙ୍ଗଦ ମଳିକ ରବି ଶାହାଣି ସହିତ କୁଆଡ଼େ ଚାଲିଯାଇଥିବା ମଧ୍ୟ ଉଲ୍ଲେଖ କରିଥିଲେ । ଅଭିଯୋଗ ପ୍ରକାରେ ବାଲିଗୁଡ଼ା ପୋଲିସ୍ ତଦନ୍ତ ଆରମ୍ଭ ପଳେଇଛି ଏହାପରେ ପୋଲିସ ଏହାକୁ ନେଇ ତଦନ୍ତ ଆରମ୍ଭ କରିଥିବା ବେଳେ ଜୁନ୍ ମାସ ୨୨ ତାରିଖରେ ଗୁଜୁରାଟର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସ୍ୱେଚ୍ଛାସେବୀ ରିତୁବେନ ବର୍ମା ଫୋନ୍ ଯୋଗେ ବାଲିଗୁଡ଼ା ଥାନାକୁ ଖବର ଦେଇଥିଲେ ଯେ, ବାଲିଗୁଡ଼ା ଅଞ୍ଚଳର ଅଙ୍ଗଦ ମଳିକ ନାମକ ଜଣେ ଯୁବକ ଦୁର୍ଘଟଣା ଗ୍ରସ୍ତ ହୋଇ ତାଙ୍କ ନିକଟରେ ଚିକିତ୍ସିତ ହେଉଛନ୍ତି । ଏହାପରେ ବାଲିଗୁଡ଼ା ଥାନା ଅଧିକାରୀ ବାବା ଶଙ୍କର ସରାଫ୍ ଅଙ୍ଗଦଙ୍କ ପରିବାରକୁ ଏନେଇ ସୂଚନା ଦେଇଥିଲେ । ଏହାପରେ ବାଲିଗୁଡ଼ା ପୋଲିସର ପରାମର୍ଶ ନେଇ ଅଙ୍ଗଦର ଭାଇ ରତ୍ନାକର ମଳିକ ଓ ଭିଣେଇ ରଞ୍ଜିତ ମଳିକ ମିଳିଥିବା ଠିକଣା ସ୍ଥାନକୁ ଯାଇଥିଲେ ଓ ନିଜ ଭାଇକୁ ଚିହ୍ନିପାରିଥିଲେ । କିନ୍ତୁ ଭାଇକୁ ଦେଖିବା ବେଳେ ଭାଇର ଦୁଇହାତ କଟିଯାଇଥିବା ବେଳେ ମୁଣ୍ଡ ଏବଂ ପିଠିରେ ଆଘାତ ଲାଗିଥିବା ଦେଖିବାକୁ ପାଇଥିଲେ । ସେଠାରେ ଚିକିତ୍ସିତ କରୁଥିବା ସ୍ୱେଚ୍ଛାସେବି ଅନୁଷ୍ଠାନର ପରାମର୍ଶ କ୍ରମେ ଭାଇକୁ ଧରି ବାଲିଗୁଡ଼ା ଆସି ପହଁଚିବା ପରେ ଥାନାକୁ ନେଇଥିଲେ । ଆହାତ ଯୁବକ ଅଙ୍ଗଦକୁ ପଚାରିବାରୁ ସେ କହିଛନ୍ତି ଯେ,ମତେ ଆମ ସାହିର ରବି ଶାହାଣି କାମ କରିବାକୁ ପ୍ରଲୋଭନ ଦେଖାଇଥିଲା ଓ ତାପରେ ମତେ ନଗଦ ଆଠହଜାର ଟଙ୍କା ଦେଇଥିଲା । ମୁମ୍ବାଇକୁ କାମ କରିବାକୁ ଯିବାକୁ କହି ମତେ ରବି ଟ୍ରେନରେ ନେଇଥିଲେ । ଆମେ ଟ୍ରେନରୁ ଓହ୍ଲାଇଥିଲୁ ତାହା କେଉଁ ଜାଗା ମୁଁ ଜାଣିନଥିଲି । ମତେ ରବି ଏଠୁଆସୁଛି କହି ଯାଇଥିଲା । କିଛି ସମୟପରେ ସେହି ସ୍ଥାନରେ କିଛି ଯୁବକ ଆସି ମତେ ମାଡ଼ ମାରିଥିଲେ ତାପରେ ମୁଁ ଅଚେତ ହୋଇଯାଇଥିଲି । ଚେତା ଫେରିବା ବେଳକୁ ମୁଁ ଏକ ଡାକ୍ତରଖାନାରେ ଥିବା ଜାଣିବାକୁ ପାଇଥିଲି ଏବଂ ମୋର ଦୁଇ ହାତ କଟି ଯାଇଥିଲା ଜାଣିବାକୁ ପାଇଥିଲି । ପରବର୍ତ୍ତୀ ସମୟରେ ଏକ ସେବାଶ୍ରମରେ ଚିକିତ୍ସିତ ହେଉଥିଲି । ଏହାପରେ ମୋର ଘର ଓ ଠିକଣା ସମ୍ପୃକ୍ତ ସଂସ୍ଥାକୁ ଜଣାଇବା ପରେ ମତେ ପରିବାର ଲୋକେ ନେବାକୁ ଆସିଥଲେ ବୋଲି କହିଛନ୍ତି ଅଙ୍ଗଦ । ଆହତ ଅଙ୍ଗଦ ଜଣେ ବିବାହିତ ଓ ତାଙ୍କରି ଗୋଇଟିଏ ଝିଅ ଟିଏ ଥିବା ଜଣାପଡ଼ିଛି । ଘଟଣାକୁ ନେଇ ପରିବାର ପକ୍ଷରୁ ପୁଣି ଏକ ଲିଖିତ ଅଭିଯୋଗ ହେବା ପରେ ଅଭିଯୋଗ ପ୍ରକାରେ ବାଲିଗୁଡ଼ା ଥାନା ପୋଲିସ ଏକ ମାମଲା ୧୬୫/୨୦୨୩ ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି କହିଛନ୍ତି ବାଲିଗୁଡ଼ା ଥାନା ଅଧିକାରୀ ବାବା ଶଙ୍କର ସରାଫ୍ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡ଼ି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।



ସାଧାରଣ ଲୋକଙ୍କ ଖବରକାଗଜ

ଖେଳ

# ପର୍ଯ୍ୟବେକ୍ଷକ 25

PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Tuesday July 04, 2023 | ଭୁବନେଶ୍ୱର ମଙ୍ଗଳବାର, ଜୁଲାଇ ୦୪,୨୦୨୩ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ଅଷ୍ଟ୍ରେଲିଆର ରାଜଧାନୀ କାନବେରା ଠାରେ ରଥଯାତ୍ରା ଆୟୋଜନ

କାନବେରା ,(ପି.ଏନ): ଅଷ୍ଟ୍ରେଲିଆର ରାଜଧାନୀ କାନବେରା ଠାରେ ଶ୍ରୀଜଗନ୍ନାଥଙ୍କର ଦ୍ୱାଦଶତମ ପବିତ୍ର ରଥଯାତ୍ରା ପର୍ବ ଆଧ୍ୟାତ୍ମିକ ଉତ୍ସାସ ଓ ଭକ୍ତିପୂତ ପରିବେଶ ମଧ୍ୟରେ ପାଳନ କରାଯାଇଛି । ଏଠାରେ ଚତୁର୍ଦ୍ଧାମୂର୍ତ୍ତି ବିରାଜମାନ କରୁଥିବା ହିନ୍ଦୁ ମନ୍ଦିର ଓ ସାଂସ୍କୃତିକ କେନ୍ଦ୍ର ତରଫରୁ ଆୟୋଜିତ ଏହି ଭବ୍ୟ ସମାରୋହର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଅଷ୍ଟ୍ରେଲିଆ ଓଡ଼ିଆ ସମାଜ ( ଓରିଓଜ ଇଙ୍କ୍) ଏବଂ ଅଷ୍ଟ୍ରେଲିଆର ହିନ୍ଦୁ ପରିଷଦ ସକ୍ରୀୟ ସହଯୋଗ କରିଥିଲେ । ଏହି ମହୋତ୍ସବ ଉପଲକ୍ଷେ ବଡ଼ି ଭୋରରୁ ଚାରି ଠାକୁରଙ୍କ ସମ୍ମୁଖରେ ପୂଜକ ଆଚାର୍ଯ୍ୟ ପ୍ରକାଶ ପାଣ୍ଡେ ଙ୍କ ଦ୍ୱାରା ମଙ୍ଗଳ ଆରତୀ ଓ ସଂକଳ୍ପ ପୂଜା ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା । ରଥଯାତ୍ରା ଦୃଷ୍ଟିରୁ ଫ୍ଲୋରି ଇଲାକାର ୮୧ ନମ୍ବର ରାଟକ୍ଲିଫ୍ କ୍ରିସେଣ୍ଟ ଠାରେ ସ୍ଥାପିତ ହିନ୍ଦୁ ମନ୍ଦିର ଓ ସାଂସ୍କୃତିକ କେନ୍ଦ୍ରକୁ ଖୁବ୍ ସୁନ୍ଦର ଢଙ୍ଗରେ ସଜା ଯାଇଥିଲା । ଚଳିତ ବର୍ଷ ଘୋଷଯାତ୍ରାରେ କାନବେରାର ଅଧିବାସୀଙ୍କ ସମେତ ସୁଦୂର ସିଡନୀ, ବ୍ରିସବେନ ଏବଂ ମେଲବର୍ଣ୍ଣ ମହାନଗରୀମାନଙ୍କରୁ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତମାନେ ସେମାନଙ୍କର ପରିବାରବର୍ଗ ଓ ପରିଜନଙ୍କ ସହ ଆସି ସାମିଲ ହୋଇଥିବା ଦେଖାଯାଇଥିଲା । ଭକ୍ତ ଓ ଭଗବାନଙ୍କର ଏହି ମହାମିଳନର ମହାନ ପାର୍ବଣରେ ଉପସ୍ଥିତ ପ୍ରାୟ ହଜାରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉଲ୍ଲାସ, ଉତ୍ସାହ, ଉଦ୍ଦୀପନା ଓ ଉନ୍ମାଦନା ପରିଲକ୍ଷିତ କରାଯାଇଥିଲା । ସକାଳ



୧୦ଟା ବେଳେ ଦିଅଁମାନଙ୍କର ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ପ୍ରଥମେ ପ୍ରଭୁ ସୁଦର୍ଶନ, ତା ପରେ ବଡ଼ ଭାଇ ବଳଭଦ୍ର, ପରେ ପରେ ଦେବୀ ସୁଭଦ୍ରା ଓ ସବାଶେଷରେ ଜଗତର ନାଥ ଜଗନ୍ନାଥଙ୍କୁ ରୋଷଣୀ କରାଯାଇ ୪ ମିଟର ଉଚ୍ଚତା ବିଶିଷ୍ଟ ସୁନ୍ଦର, ସୁଶୋଭିତ ଓ ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା । ହରିବୋଲ, ହୁଳହୁଳି ଏବଂ ଜୟ ଜଗନ୍ନାଥ ଧ୍ୱନି ସହ ଭଜନ କୀର୍ତ୍ତନର ମୃଦ୍ୟୁମନ୍ଦ ନାଦରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଥିଲା । ଏଠାରେ ମହିଳା ମାନେ ହାତରେ ନଚାଇ ନଚାଇ ଦେବୀ ସୁଭଦ୍ରାଙ୍କୁ ରଥ ଉପରକୁ ନେଉଥିବାର ଦୃଶ୍ୟ ଅତ୍ୟନ୍ତ ମନୋମୁଗ୍ଧକର ଥିଲା । ଅଷ୍ଟ୍ରେଲିଆନ କ୍ୟାପିଟାଲ ଟେରିଟୋରୀ(ଏ.ସି.ଟି) କାନବେରାର ମୁଖ୍ୟମନ୍ତ୍ରୀ ଆଣ୍ଡ୍ରୁ ବାରଙ୍କ ପ୍ରତିନିଧି ଦୀପକ ରାଜ ଗୁପ୍ତା ପାରମ୍ପରିକ ଛେରା ପହଁରା କାର୍ଯ୍ୟ କରିଥିଲେ । ଏହାପରେ ଦିନ ୧୧ ଟା ବେଳେ ରଥ ଟଣା ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଫ୍ଲୋରିର ରାଜରାସ୍ତାରେ ରାଜକୀୟ ଠାଣିରେ ଭକ୍ତମାନଙ୍କର ଗହଣରେ ଗଡ଼ିଚାଲିଥିବା ଅନନ୍ୟ ଓ ଅପରୂପ ରଥଟିକୁ ୨କି.ମି. ପର୍ଯ୍ୟନ୍ତ ଟାଣି ନିଆଯାଇ ପୁଣି ମନ୍ଦିର ବେଢ଼ା ନିକଟକୁ ଫେରାଇ ଅଣାଯାଇଥିଲା ।ଉପସ୍ଥିତ ବରେଣ୍ୟ ଅତିଥିମାନଙ୍କ ମଧ୍ୟରେ ଭାରତୀୟ ରାଷ୍ଟ୍ରଦୂତଙ୍କର ପ୍ରତିନିଧି କାଉନସିଲର ନରେନ୍ଦ୍ର ରାଣା, ଏ. ସି. ଟି ବିଧାନସଭାର ସଦସ୍ୟ ଗଣ ଯଥା ଜୋ କ୍ଲେ ଓ ଆଣ୍ଡ୍ରୁ ବ୍ରାଡକ୍ ଏବଂ କାନବେରାସ୍ଥିତ ଓଡ଼ିଆ ସମ୍ପ୍ରଦାୟର ମୁଖ୍ୟ ରୋଜାଲିନ ରାଉତ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।ଏହି ଅବସରରେ ଅନୁଷ୍ଠିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ସ୍ଥାନୀୟ ସଙ୍ଗୀତ ବିଦ୍ୟାଳୟର କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ସୁମଧୁର ଭଜନ ଗାୟନ ଏବଂ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ହୃଦୟସ୍ପର୍ଶୀ ଜଗନ୍ନାଥ ଅଷ୍ଟକମ୍ ଓ ଦଶାବତାର ପରିବେଷଣ ଥିଲା । ମହାପ୍ରଭୁଙ୍କର ଆଶୀର୍ବାଦକ୍ରମେ ସମଗ୍ର ଘୋଷଯାତ୍ରା ଉତ୍ସବକୁ ବିପୁଳ ଭାବେ ସଫଳ କରାଇବାରେ ହିନ୍ଦୁ ମନ୍ଦିର ଓ ସାଂସ୍କୃତିକ କେନ୍ଦ୍ରର ସଭାପତି ପ୍ରକାଶ ମେହେଟ୍ଟା, ସମ୍ପାଦକ ତରୁଣ ଅଗସ୍ତି, ଅଷ୍ଟ୍ରେଲିଆ ଓଡ଼ିଆ ସମାଜ(ଓରିଓଜ ଇଙ୍କ) ର ପୂର୍ବତନ ସଭାପତି ଡଃ ନଳିନୀ ପତି, ଓରିଓଜ ଇଙ୍କର କାର୍ଯ୍ୟକାରୀ କମିଟିର ପ୍ରତିନିଧି ମମତାଜ ଲେଙ୍କା, ଅଷ୍ଟ୍ରେଲିଆର ହିନ୍ଦୁ ପରିଷଦର ସଭାପତି ସନ୍ତୋଷ ଗୁପ୍ତା, ସ୍ଥାନୀୟ ପ୍ରବାସୀ ଭାରତୀୟ ସମ୍ପ୍ରଦାୟ, ଓରିଓଜ, ହିନ୍ଦୁ ପରିଷଦ ଆଦି ସଂଗଠନର କର୍ମକର୍ତ୍ତା ଏବଂ ସ୍ଥାନୀୟ ଓଡ଼ିଆ ବାସିନ୍ଦାଙ୍କର ନେତୃବୃନ୍ଦ ଖୁବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଏହି ଅବସରରେ ରଥଯାତ୍ରାର ଶୁଭକାମନା କରି ସିନେଟର କ୍ୟାଟି ଗାଲାଘର ଶୁଭେଚ୍ଛା ବାର୍ତ୍ତା ପଠାଇଥିବା ଜଣାଯାଇଛି ।

## ପାକିସ୍ତାନୀ କନେକ୍ସନକୁ ନେଇ ଏନ୍ଆଇଏ ବରେଲିରେ କଲା ଚଢ଼ାଉ

ବରେଲୀ,(ପି.ଏନ): ରାଷ୍ଟ୍ରୀୟ ଅନ୍ୱେଷଣ ଅଭିକରଣ(ଏନ୍ଆଇଏ) ରବିବାର ଦିନ ବରେଲି ଜିଲ୍ଲାର ଆମ୍ୱଲାରେ ରହୁଥିବା ପେଂଟରଙ୍କ ଘରେ ଚଢ଼ାଉ କରିଛନ୍ତି । ଅଭିଯୋଗ ଯେ ପେଂଟର ପାକିସ୍ତାନର ନମ୍ବରରେ କାଫି ଦିନରୁ କଥାବାର୍ତ୍ତା କରୁଛି । ଏନ୍ଆଇଏ ପେଂଟରର ମୋବାଇଲ୍କୁ କବ୍ଜାରେ ନେଇଛି । ଲକ୍ଷ୍ନୌ ମୁଖ୍ୟାଳୟ ସହିତ ଏନ୍ଆଇଏର ଏକ ଟିମ୍ ରବିବାର ଦିନ ସକାଳେ ପାଂଚଟାରେ ବରେଲିରେ ଆମ୍ୱଲାର ଗ୍ୱୋଲଟୋଲି ପକ୍କା କଟଣା ନିବାସୀ ପେଂଟର ତୌହିଦର ଘରେ ଚଢ଼ାଉ କରିଛି । ଏହି ସମୟରେ ସ୍ଥାନୀୟ ପୋଲିସ୍ ମଧ୍ୟ ଉପସ୍ଥିତ ଥିଲା । ପୁରା ଅଂଚଳକୁ ଛାଉଣୀ କରାଯାଇଛି । କାହାକୁ ମଧ୍ୟ ଘରୁ ବାହାରକୁ ଯିବାକୁ ଦିଆଯାଇ ନାହିଁ । ଟିମ୍ ଯୁବକ ଏବଂ ତା'ର ପରିବାରକୁ ପାଖାପାଖି ପାଂଚଘଂଟାରୁ ଅଧିକ ସମୟ ପର୍ଯ୍ୟନ୍ତ ପଚରାଉଚୁରା କରିଛି ।

## କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

କେନ୍ଦୁଝର,(ପି.ଏନ): ସୋମବାର ଦିନ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ନୀତିନ କୁଶଲକରଙ୍କ ଅଧକ୍ଷତାରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୋଟ୍ ୨୧୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୮୯ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୨୫ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୮୭ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଡି.ଏଫ୍.ଓ ଧନରାଜ ଏଚ୍.ଡି., ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ



ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ପିଏ ଆଇଟିଡିଏ କେନ୍ଦୁଝର ତପନ କୁମାର ନାଏକ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଏସ୍.ଡି.ପି.ଓ ମହେନ୍ଦ୍ରନାଥ ମୁର୍ମୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି, ଡେପୁଟି କଲେକ୍ଟର (ଆପତକାଳୀନ) ସୁରିକା ବେହେରା, ଡେପୁଟି କଲେକ୍ଟର ଶିବବ୍ରତ ତ୍ରିପାଠୀ, କେନ୍ଦୁଝର ସଦର ବିଡିଓ ବିକାଶ ଚନ୍ଦ୍ର ସାହୁ ଏବଂ କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡାଃ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ଜିଲ୍ଲାସ୍ତରୀୟ/ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୩୧ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା ଏବଂ ଜଣେ ହିତାଧିକାରୀଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା ।

## କିଆ ଇଣ୍ଡିଆ ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ନୂଆ ସେଲଟସ୍ ଉନ୍ମୋଚିତ

ଭୁବନେଶ୍ୱର: ଭାରତର ପ୍ରିମିୟମ ତଥା ଦ୍ରୁତ ବିକଶିତ କାର ନିର୍ମାତା, କିଆ ଇଣ୍ଡିଆ ପକ୍ଷରୁ ଚଳିତ ଜୁଲାଇ ୪ ତାରିଖରେ ଏହାର ନୂଆ କିଆ ସେଲଟସ୍ର ଉନ୍ମୋଚନ କରାଯାଇଛି । ଏହାର ନୂଆ ରୁପରେ ସେଲଟସ୍, ଏକ ସତେଜ ଡିଜାଇନ ଏବଂ ଉନ୍ନତ ସେଗମେଂଟ ଅଗ୍ରଣୀ ବୈଶିଷ୍ଟ୍ୟରେ ସୁସଜ୍ଜିତ ରହିଛି । ଏହାର ସେଗମେଂଟ ଅଗ୍ରଣୀ ବୈଶିଷ୍ଟ୍ୟ ଏବଂ ଡିଜାଇନ ଲିଡରସିପ ସହିତ ବ୍ରାଣ୍ଡ ସେଲଟସ୍ ଅଟୋମୋବାଇଲ ଉଦ୍ୟୋଗରେ ଏକ ନୂଆ ବିପ୍ଳବ ଆରମ୍ଭ କରିବା ସହିତ ଏହି ସେଗମେଂଟକୁ ପୁନଃ ଆବିଷ୍କାର କରିବାକୁ ପ୍ରସ୍ତୁତ ରହିଛି । କିଆ ପକ୍ଷରୁ ଚଳିତବର୍ଷ ଜୁନ ୩୦ ତାରିଖରେ ନୂଆ ସେଲଟସ୍ର ଟିଜର ମଧ୍ୟ ଜାରି କରାଯାଇଥିଲା । ଅଗଷ୍ଟ ୨୦୧୯ରେ ସେଲଟସ୍ର ଶୁଭାରମ୍ଭ ସହିତ କିଆ ଭାରତୀୟ ବଜାରରେ ପ୍ରବେଶ କରିଥିଲା ଏବଂ ଏହା ଭାରତର ନୂତନ ପୀଢ଼ିର ଗ୍ରାହକମାନଙ୍କୁ ଆକର୍ଷିତ କରିବାରେ ସଫଳ ହୋଇପାରିଛି । ମାତ୍ର ୪୬ ମାସର ସ୍ୱଳ୍ପ ଅବଧି ମଧ୍ୟରେ ସେଲଟସ୍ ଦ୍ରୁତ ଏସୟୁଭି ଭାବରେ ୫ ଲକ୍ଷ ବିକ୍ରୟ ମାଇଲଖୁଂଟ ଅତିକ୍ରମ କରିଛି । ବର୍ତ୍ତମାନ ୩.୭୮ ସେଲଟସ୍ ଭାରତୀୟ ରୋଡରେ ଉପସ୍ଥିତ ରହିଛି ଯାହାକି କିଆର ଡୋମେଷ୍ଟିକ ଭଲ୍ୟୁମର ୫୩% ଅଟେ । କମ୍ପାନୀ ମଧ୍ୟ ୧.୩୯ ଲକ୍ଷ ସେଲଟସ୍କୁ ସାରା ବିଶ୍ୱରେ ୯୦ରୁ ଅଧିକ ବଜାରକୁ ରପ୍ତାନୀ କରିଛି । ବ୍ରାଣ୍ଡ ସେଲଟସରେ ଅନେକ ଗୁଡ଼ିଏ ପ୍ରଥମ ଧରଣର ଉଲ୍ଲେଖନୀୟ ବିଷୟ ରହିଛି । ଏହାର ଫଳସ୍ୱରୂପ ଗତ ଚାରି ବର୍ଷ ମଧ୍ୟରେ କିଆ ଭାରତର ଶୀର୍ଷ ୫ ଅଟୋ ନିର୍ମାତାଙ୍କ ମଧ୍ୟରେ ସ୍ଥାନ ପାଇପାରିଛି । ୨୦୨୧ରେ ସେଲଟସ୍ ଏହି ସେଗମେଂଟର ପ୍ରଥମ କାର ଭାବରେ ଭାରତରେ ଛଅଟି ଏୟାରବ୍ୟାଗର ଶୁଭାରମ୍ଭ କରିଛି ।

## ଛତିଶଗଡ଼ ରାଜଭବନରେ ଏକକ ବ୍ୟବହାର ପ୍ଲାଷ୍ଟିକନିଷେଧ ପାଇଁ ନିର୍ଦ୍ଦେଶ: ବିଶ୍ୱଭୂଷଣ

ଦିଲ୍ଲୀ,(ପି.ଏନ):ଆଜି ଅନ୍ତରାଷ୍ଟ୍ରିୟ ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର ମୁକ୍ତ ଦିବସ ଅବସରରେ ଛତିଶଗଡ଼ ରାଜଭବନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ଉପସ୍ଥିତ ଅଧିକାରୀଙ୍କୁ ରାଜଭବନରେ ସଂପୂର୍ଣ୍ଣ ରୂପେ ଏକକ ବ୍ୟବହାର ପ୍ଲାଷ୍ଟିକ୍କୁ ନିଷେଧ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରାଜଭବନରେ ବ୍ୟବହୃତ ସମସ୍ତ ପ୍ଲାଷ୍ଟିକ ବ୍ୟାଗ୍ ପରିବର୍ତ୍ତେ କପଡା, କାଗଜ, ଝୋଟ ପ୍ରସ୍ତୁତ ସାମଗ୍ରୀକୁ ବ୍ୟବହାର କରିବାକୁ ଆଦେଶ ଜାରିକରିଛନ୍ତି । ଏହି ଅବସରରେ ରାଜ୍ୟପାଳ ଶ୍ରୀ ହରିଚନ୍ଦନ କହିଛନ୍ତି ବର୍ତ୍ତମାନ ପ୍ଲାଷ୍ଟିକ୍ ବ୍ୟବହାର ଯୋଗୁଁ ହେଉଥିବା ପ୍ରଦୁ୍ୟଷଣ ବିଶ୍ୱପାଇଁ ଚନ୍ତାର କାରଣ ପାଲଟିଛି । ଆମେ ସମସ୍ତେ ମିଳିତ ଭାବରେ ଏହା ଉପରେ ସଚେତନ ହେବା ସହିତ ଏହାର ଉପଯୋଗକୁ କମାଇବା ଏବଂ ଏହାର ବିକଳ୍ପ ବ୍ୟବହାର କରିବା ପାଇଁ ଆମେ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ କାର୍ଯ୍ୟକାରି କରିବା । ଯେତେବେଳେ ଆମର ନିତ୍ୟ ବ୍ୟବହାର ସାମଗ୍ରୀ ପାଇଁ ବଜାର, ହାଟି ସ୍ଥାନକୁ ଗଲାବେଳେ କପଡା ଓ ଝୋଟ ଆଦି ବ୍ୟାଗର ବ୍ୟବହାର କରିବା । ଆମକୁ ବଂଚାଇ ରଖିବା ପାଇଁ ପ୍ରକୃତି ଯେଉଁଭଳି ତାର ଉପାଦାନ ମାନ ଆମର ବ୍ୟବହାର ଯୋଗାଇ ଦେଉଛି ସେହିଭଳି ଆମେ ପ୍ରକୃତି ବଂଚାଇ ରଖିବା ପାଇଁ ଏହିଭଳି ଛୋଟ ଛୋଟ ପଦକ୍ଷେପମାନ ଗ୍ରହଣ କରିବା ଉଚିତ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଛନ୍ତି ।ଏକକ ବ୍ୟବହାର ପ୍ଲାଷ୍ଟିକ୍ ବ୍ୟାଗ ମୁକ୍ତ ଦିବସ ଅବସରରେ ରାଜ୍ୟପାଳ ଶ୍ରୀ ହରିଚନ୍ଦନ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନକରି ପ୍ରକୃତିକୁ ବଂଚାଇବା ସହିତ ଏକ ସୁନ୍ଦର ଓ ସୁସ୍ଥ ପରିବେଶ ନିର୍ମାଣ କରିବାରେ ସହାୟକ ହେବା ପାଇଁ ସମସ୍ତ ରାଜ୍ୟବାସୀଙ୍କ ସମେତ ଦେଶବାସୀଙ୍କୁ ନିବେଦନ କରିଛନ୍ତି ।

## ମୋଟରସାଇକେଲ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

କନ୍ଧମାଳ,(ପି.ଏନ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଜକିକିଆ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଭାରସାମ୍ୟ ହରାଇ ମୋଟରସାଇକେଲ ଦୁର୍ଘଟଣା ଗ୍ରସ୍ତ । ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଜଣକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ମୃତକ କ.ନୂଆଗାଁ ଥାନା ରାଜଘରା ଗ୍ରାମର ସୁବେରସିଂ ପ୍ରଧାନଙ୍କ ପୁଅ ଆଡଭାନସିଂ ପ୍ରଧାନ ହୋଇଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ଆଜି ସକାଳେ ରାଜଘରା ଗ୍ରାମର ଦୁଇ ଯୁବକ ଆଡଭାନସିଂ ପ୍ରଧାନ ଓ ଦିନେଶ କୁମାର ପ୍ରଧାନ ଏକ ମୋଟରସାଇକେଲରେ କୌଣସି କାମରେ ଯାଉଥିବା ବେଳେ ୫୯ ନଂ ଜାତୀୟ ରାଜପଥ ଜକିକିଆ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ । ଖବରପାଇ ସେହି ଅଂଚଳର ଯୁବ ସମାଜସେବୀ ଅରୁଣ ନାୟକ ନିଜ ଅଟୋ ସାହାଯ୍ୟରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଇଥିଲେ ।

## ଜିଲ୍ଲା କାର୍ଯ୍ୟାଳୟର ଉପବିଭାଗ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଝାରସୁଗୁଡ଼ା,(ପି.ଏନ): ସ୍ଥାନୀୟ ସର୍କିଟ ହାଉସ୍ ଠାରେ ଜିଲ୍ଲା କାର୍ଯ୍ୟାଳୟର ଉପବିଭାଗ ଅଧିକାରୀ ସୁନୀଲ କୁମାର ପ୍ରଧାନଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଭାରେ ଜିଲ୍ଲାପାଳ ଅବୋଲୀ ସୁନୀଲ ନରୱଣେ , ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲକ୍ଷେଶ୍ୱର ଅମାତ, ପ୍ରବନ୍ଧକ ନିର୍ଦ୍ଦେଶକ(ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ ଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇଥିଲେ । ବେଣୁଧର ଛଛଣନଙ୍କ ସଂଯୋଜନାରେ ସଭା ପରିଚାଳିତ ହୋଇଥିଲା ବେଳେ ଶ୍ରୀ ପ୍ରଧାନଙ୍କ ଅବସରକାଳୀନ ସୁଖମୟ ଜୀବନ କାମନା କରାଯାଇଥିଲା ।

## ଇନଷ୍ଟିଚ୍ୟୁଟ୍ ଅଫ୍ ଚ଼ାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆର ୭୫ ତମ ନ୍ତଚ଼ାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଡେ” ପାଳିତ

ଭୁବନେଶ୍ୱର,(ପି.ଏନ): ଇନଷ୍ଟିଚ୍ୟୁଟ୍ ଅଫ୍ ଚ଼ାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆର ୭୫ ତମ ନ୍ତଚ଼ାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଡେ” ପାଳିତ ହୋଇଯାଇଛି । ଏହାର ଫାଉଣ୍ଡେସନ୍ ଡେ ସହିତ ସିଏ ବୃତ୍ତିର ନିର୍ଭୀକତା, ଅଖଣ୍ଡତା ଏବଂ ସର୍ବଦା ସଜାଗ ମନୋଭାବ ସମ୍ପର୍କରେ ସୂଚ଼ନା ଦିଆଯାଇଥିଲା । ଏହାର ୭୪ ବର୍ଷ କାର୍ଯ୍ୟକାଳ ମଧ୍ୟରେ, ହିତାଧିକାରୀମାନଙ୍କୁ ମୂଲ୍ୟଯୁକ୍ତ ସେବା ଯୋଗାଇବାରେ ଆକାଉଣ୍ଟାସି ଫଙ୍କସନ୍ ଏକ ରଣନୀତକ ଭୂମିକା ଗ୍ରହଣ କରିବା ସହ ଏକ ପ୍ରମୁଖ ନେତୃତ୍ୱ ଗ୍ରହଣ କରିଥାଏ । ଆମ ପୂର୍ବପୁରୁଷମାନଙ୍କ ଦ୍ୱାରା ସ୍ଥାପିତ ବୃତ୍ତିର ପରମ୍ପରାର ଏକ ଅଂଶ ଭାବରେ ଆମେ ସିଏ ଦିବସ ପାଳନ କରୁଛୁ । ଏହି ଉତ୍ସବରେ ଆଇସିଏଆଇ ଭବନରୁ ଷ୍ଟୁଆର୍ଟ ସ୍କୁଲ୍ ଏକ ୱାକାଥନ୍ ରୁ ଆରମ୍ଭ ହୋଇ ବୃକ୍ଷ ରୋପଣ ଏବଂ ସ୍ୱଛତା ଡ୍ରାଇଭ୍ ହୋଇଥିଲା । ପରେ ଆଇସିଏଆଇ ଭବନରେ ଶାଖା ଅଧ୍ୟକ୍ଷ ସିଏ ପ୍ରଦୀପ




କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ । ଏହି ଅବସର ରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଯଥା , ଚ଼କ୍ଷୁ , ଡେଣ୍ଟାଲ୍ ପରୀକ୍ଷା ଓ ଡାଇବେଟିସ୍ ସ୍କ୍ରିନିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା । ରୋଟାରୀ କ୍ଲବ ଏବଂ ଏମଏ ଓଡିଶା ସହିତ ମିଳିତ ଭାବରେ ଏକ ରକ୍ତ ଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା ।ଏହି ଦିନକୁ ସ୍ମରଣ କରିବା ପାଇଁ ଏକ ନିବେଶକ ସଚେତନତା କାର୍ଯ୍ୟକ୍ରମ: ଜନସାଧାରଣଙ୍କ ମଧ୍ୟରେ ନିବେଶକ ଅଭିଯୋଗର ସମାଧାନ ମେକାନିଜିମ୍ ଏବଂ ଆର୍ଥିକ ଏବଂ ଟିକସ ସାକ୍ଷରତା ଡ୍ରାଇଭ୍ ଆୟୋଜିତ ହୋଇଥିଲା ।ମୁଖ୍ୟ ଅତିଥି ଓଡିଶାର ଆଡିସନାଲ୍ ପୋଲିସ ଡି. ଜି ସିଏ ରାଧା କିଶନ ଶର୍ମା,ଆଇପିଏସ, ସ୍ୱତନ୍ତ୍ର ଅତିଥି ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ଭକ୍ତ ତ୍ରିପାଠୀ ତଥା ସେମିନାର ଚେୟାରମ୍ୟାନ୍ ତଥା ମୁଖ୍ୟ ବକ୍ତାଅତିଥି ଆଇସିଏଆଇ ଭୁବନେଶ୍ୱରର ପୂର୍ବତନ ଅଧକ୍ଷ ସିଏ ଅରୁଣ କୁମାର ସାବତ, ଶାଖା ଅଧକ୍ଷ ସିଏ ପ୍ରଦୀପ କୁମାର ସାହୁ, ସଚ଼ିବ ସିଏ ମହେନ୍ଦ୍ର ସାହୁ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଥିଲେ ।ଉପରୋକ୍ତ କାର୍ଯ୍ୟକ୍ରମ ଶାଖାର ଛାତ୍ର ସଙ୍ଗଠନର ଅଧ୍ୟକ୍ଷ ତଥା ଶାଖା ଉପାଧ୍ୟକ୍ଷ ସିଏ ଗଗନ ବିହାରୀ ଦାସ, ସିଏ ଶାସ୍ୱତ ତ୍ରିପାଠୀ, କୋଷାଧକ୍ଷ ସିଏ ରଂଜନ କୁମାର ପୃଷ୍ଟି, ପରିଚ଼ାଳନା କମିଟି ସଦସ୍ୟ ସିଏ ଗୌତମ ଲେଙ୍କା ଏବଂ ସିଏ ଜାନ୍ହବି ଦେଓ ପରିଚ଼ାଳନା କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray